Bhubaneswar, Wednesday, October 14, 2026
ଭୁବନେଶ୍ୱର,ବୁଧବାର,ଅକ୍ଟୋବର ୧୪, ୨୦୨୬
Vol-01, Issue-156
ବର୍ଷ-୦୧, ସଂଖ୍ୟା -୧୫୬

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




### ରାଜ୍ୟ କ୍ୟାବିନେଟ ବୈଠକ

## ନବମ, ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମାଗଣାରେ ବହି



ଭୁବନେଶ୍ୱର, ୧୩।୧୦ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୪୮ ତମ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୧ଟି ବିଭାଗର ୧୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି ।

ବୈଠକରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ୨ଟି, ଶିକ୍ଷ ବିଭାଗର ୧ଟି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୧ଟି, ଅର୍ଥ ବିଭାଗର ୧ଟି, ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୧ଟି, ଜଳ ସମ୍ପଦ ବିଭାଗର ୩ଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧ଟି ଏବଂ ଗୋଟିଏ ପ୍ରସ୍ତାବ ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନର ସତ୍ରାବସାନ (ସଂସଦୀୟ ବ୍ୟାପାର)ସମ୍ପର୍କିତ ରହିଥିଲା ।

କ୍ୟାବିନେଟ ନିଷ୍ପତ୍ତି ଅନୁସାରେ Level-II (ABEO) ର ବରିଷ୍ଠତା ଏଣିକି Level-III ର ଚାକିରି ଅବଧି ଆଧାରରେ ନୁହେଁ। ପୁରୁଣା ନିୟମ ଯୋଗୁଁ ଜୁନିୟର ଶିକ୍ଷକ ସିନିୟର ଠାରୁ ଉପରକୁ ଚାଲି ଯାଉଥିଲେ। ଏଣିକି ବରିଷ୍ଠତା ତାଲିକାର ପୋଜିସନ ଅନୁସାରେ ନିର୍ଦ୍ଧାରଣ ହେବ। ସେହିପରି ଶିଳ୍ପ ପୁନର୍ଗଠନ ପାଇଁ ଷ୍ଟାମ୍ପ ଡ୍ୟୁଟି ସୀମା ନିର୍ଦ୍ଧାରଣକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। କମ୍ପାନୀ ମିଶ୍ରଣ, ପୁନର୍ଗଠନ, ଡି-ମର୍ଜର ଏବଂ ବୁଝାମଣା ସମୟରେ ଷ୍ଟାମ୍ପ ଡ୍ୟୁଟି କମ୍ ହେବ। ଜଳ ସମ୍ପଦ ବିଭାଗରେ ଡିପ୍ଲୋମା ଇଞ୍ଜିନିୟର କ୍ୟାଡର ପୁନର୍ଗଠନକୁ ଅନୁମୋଦନ କରାଯାଇଛି ।

ସେହିପରି ବଲାଙ୍ଗିର ଜିଲ୍ଲା ତୁସ୍ରାପାଲି ଗାଁରେ In-Stream Water Storage ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ପ୍ରକଳ୍ପ ପାଇଁ ୧୦୫ କୋଟି ୬୨ ଲକ୍ଷ ୩୩ ହଜାର ଟଙ୍କାର ଟେଣ୍ଡର ଅନୁମୋଦନ ହେବ । ତେଲ ନଦୀର ଶାଖା ଲାନ୍ଥ ନଦୀ ଉପରେ ନିର୍ମାଣ ହେବ। ୩୦ ମାସରେ କାମ ସରିବ ।ସଇଁତଳା ବ୍ଲକର ୧୨ ଟି ମରୁଡି ପ୍ରବଣ ଗାଁକୁ ବର୍ଷ ସାରା ପିଇବା ପାଣି ଯୋଗାଣ ହେବ।

ମାଧ୍ୟମିକ ଶିକ୍ଷକ ନିଯୁକ୍ତି ନିୟମରେ ବଡ଼ ପରିବର୍ତ୍ତନ କରାଯାଇଛି। ରାଜ୍ୟସ୍ତରୀୟ ସମାନ କ୍ୟାଡର ବ୍ୟବସ୍ଥା ହେବ, ପ୍ରମୋସନ ସୁବିଧା ବଢିବ। ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଷ୍ଟେଟ୍ କ୍ୟାଡର ମାନ୍ୟତା ମିଳିବ। ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ମାଧ୍ୟମିକ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଚି। Supply of Free Textbooks ଯୋଜନାରେ SC/ST ବ୍ୟତୀତ ଅନ୍ୟ ବର୍ଗର ପିଲାଙ୍କୁ ମିଳିବ ମାଗଣା ବହି। ରାଜ୍ୟର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଏହି ଯୋଜନା ଲାଗୁ ହେବ।

ଦକ୍ଷତା ବିକାଶ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେହିପରି ପୁରୀ ଜିଲ୍ଲା ଅସ୍ତରଙ୍ଗ (ନୂଆଗଡ଼)ରେ ଫିସିଂ ହାର୍ବର ଷ୍ଟେଜ-II ନିର୍ମାଣକୁ ଅନୁମୋଦନ କରାଯାଇଛି। ସେହିପରି କେନ୍ଦୁଝରରେ ହେବ ବଡ଼ ଡାଟା ସେଣ୍ଟର । ଏଥିପାଇଁ ଖର୍ଚ୍ଚ ହେବ ୧୭୬ କୋଟି ୮୩ ଲକ୍ଷ ଟଙ୍କା । ୯ ମାସରେ ନିର୍ମାଣ ଶେଷ ହେବ। ମତ୍ସ୍ୟ ବିଭାଗରେ ବଡ଼ ପୁନର୍ଗଠନ କରାଯାଇଛି। Odisha Subordinate Fisheries Service Cadre କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସହରାଞ୍ଚଳ ଜଳ ନିଷ୍କାସନ ପରିଚାଳନା ପାଇଁ ୫୦୦ କୋଟି ଟଙ୍କା ଏବଂ କଟକ ମହାନଦୀ ୱାଟରଫ୍ରଣ୍ଟର ସମନ୍ୱିତ ବିକାଶ ପାଇଁ ଟେଣ୍ଡରକୁ ଅନୁମୋଦନ ମିଳିଛି।

## ଘାଟିକିଆ ଓ ଗାଡକଣଠାରେ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୧୩/୧୦: ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ, ଶ୍ରମିକ ମାନେ ସୁଲଭ ଆବାସ ପାଇପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଘାଟିକିଆ ଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ କହିଛନ୍ତି । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡକଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ଆଜି ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡକଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆଠାରେ ୫ ଏକରରୁ ଅଧିକ ଜମି ଉପରେ ୬୬କୋଟି ୪୮ ଲକ୍ଷ ବ୍ୟୟରେ ନିର୍ମିତ ୧୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି



ପରିବାରକୁ ଗୃହପ୍ରବେଶ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ' । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପାଇପ୍ ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରର ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି । ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ) ଅଧୀନରେ ୨ ଲକ୍ଷରୁ ଅଧିକ ଘର ମଞ୍ଜୁର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ପ୍ରାୟ ପାଂଚ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ବିଡିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଏହି ଖେଳପଡିଆଗୁଡିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ତମାଣ୍ଡୋ, ନଖରା, ସିବିଏସ୍‌ର ଆଂଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଂଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ -୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡିଆ ଅନ୍ତର୍ଭୁକ୍ତ । ଏହି ସମସ୍ତ ପଦକ୍ଷେପ ଭୁବନେଶ୍ୱରକୁ ଏକ ସୁରକ୍ଷିତ, ସମାବେଶୀ ଓ ସନ୍ତୁଳିତ ସହର ଭାବେ ଗଢିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡାରେ ଘର ଯୋଗାଇ ଦେବା ପାଇଁ PMAY-Urban BANDHU ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ ମୁଖ୍ୟମନ୍ତ୍ରୀ ଗାଡକଣଠାରେ ସୁଲଭ ଭଡା ଆବାସ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାଦ୍ୱାରା ଶ୍ରମିକମାନେ ନିଜ କାର୍ଯ୍ୟସ୍ଥଳ ନିକଟରେ କମ୍ ଭଡାରେ ନିଶ୍ଚିତରେ ରହିପାରିବେ । ଏହାଛଡା ହିତାଧିକାରୀମାନଙ୍କୁ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ମାଧ୍ୟମରେ ଗୃହ ଋଣ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନେ ନିଜର ଅଂଶ ଟଙ୍କା ପରିଶୋଧ କରି ନିଜ ଘରର ମାଲିକ ହୋଇପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଂଚରେ ଉପସ୍ଥିତ ରହି ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର ହିତାଧିକାରୀ ଲକ୍ଷ୍ମୀଧର ସେଠୀ, ନଇମୁଦ୍ଦିନ୍ ଖାନ୍, ରାମଚନ୍ଦ୍ର ସେଠୀ ଓ ରସିଦ ଖଣ୍ଡାୟତରାୟ ଏବଂ ଗାଡକଣସ୍ଥିତ 'ମୁକ୍ତେଶ୍ୱର ରେସିଡେନ୍ସି'ର ନିର୍ମଳା ବାରିକ, ଶଶ୍ମିତା ପାତ୍ର, ରୂପା ସାହୁ ଓ ଦ୍ରୌପଦୀ ଦେବୀଙ୍କୁ ସିଧା ସଳଖ ଭାବେ ବାସଗୃହ ଆବଟଂନ କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ ମହାରଣାଙ୍କୁ ୧ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ୍ୟ ନିଜ ହସ୍ତରେ ବିତରଣ କରିଛନ୍ତି । ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ ।

### ପୁରୀରେ 'ପ୍ରତିହାରୀ ନିଯୋଗ'ର 'ସମର୍ପଣ - ସେବା ଓ ସେବକ ସମ୍ମାନ-୨୦୨୬' ସମାରୋହ

## ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ,ଭକ୍ତି ଓ ସେବାର ନିଚ୍ଛକ ନିଦର୍ଶନ -ଧର୍ମେନ୍ଦ୍ର ପ୍ରଧାନ



ପୁରୀ, ୧୩/୧୦: ଜଗନ୍ନାଥ ସଂସ୍କୃତି କହିଲେ କେବଳ ଆଚାର-ବିଚାର କିମ୍ବା ପୂଜା-ପଦ୍ଧତିକୁ ବୁଝାଏ ନାହିଁ। ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ଜୀବନ୍ତ ନିଦର୍ଶନ । ସୋମବାର ପୁରୀ ଠାରେ ଶ୍ରୀମନ୍ଦିରର ଅନନ୍ୟ ସେବକ ସଂଘ 'ପ୍ରତିହାରୀ ନିଯୋଗ' ଦ୍ୱାରା ଆୟୋଜିତ 'ସମର୍ପଣ – ସେବା ଓ ସେବକ ସମ୍ମାନ-୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀମନ୍ଦିରର ସେବା ପଦ୍ଧତିରେ ଛତିଶା ନିଯୋଗର ଏକ ବିଶେଷ ଓ ଅନନ୍ୟ ମହତ୍ତ୍ୱ ରହିଛି । କିନ୍ତୁ ସେହି ସମସ୍ତ ସେବକ ସମ୍ପ୍ରଦାୟ ମଧ୍ୟରେ 'ପ୍ରତିହାରୀ ନିଯୋଗ' ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସ୍ୱତନ୍ତ୍ର ଓ ମହାନ । 'ପ୍ରତିହାରୀ', ଏହି ଶବ୍ଦଟି ମଧ୍ୟରେ ହିଁ ସୁରକ୍ଷା, ସମର୍ପଣ, ଅନୁଶାସନ ଓ ନିଷ୍ଠାର ଭାବ ଭରି ରହିଛି । ଶ୍ରୀମନ୍ଦିରର ଶ୍ରୀଅଙ୍ଗ ରକ୍ଷା, ଦ୍ୱାର ସୁରକ୍ଷା, ନୀତିକାନ୍ତିକୁ ସୁଚାରୁରୂପେ ପରିଚାଳିତ କରିବା ଏବଂ କୋଟି କୋଟି ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାରେ ପ୍ରତିହାରୀ ସେବକମାନେ ଦିନରାତି ନିଜକୁ ନିୟୋଜିତ କରିଥାନ୍ତି । ଏହି ପରିପ୍ରକ୍ଷୀରେ ଆଜିର ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଶ୍ରୀମନ୍ଦିରର ସହସ୍ର ବର୍ଷର ନିଷ୍ଠାପର ସେବା ପରମ୍ପରା, ଭକ୍ତି, ତ୍ୟାଗ ଓ ଶୃଙ୍ଖଳାର ଏକ ମହାନ ସଂସ୍କୃତିକୁ ପ୍ରଣାମ ଜଣାଇବାର ଏକ ଦିବ୍ୟ ଅବସର ।

ଶ୍ରୀ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ମନ୍ଦିର ଭିତରେ ଯେଉଁ ଲୋକ ସମର୍ପଣ ଓ ଲୋକ ସମାବେଶ ତିଆରି ହୁଏ, ସେଭଳି ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଭଗବାନଙ୍କ ପାଖରେ କୌଣସି କୌଣସି ବିଭେଦ ନାହିଁ ଏବଂ କୌଣସି ବିଭାଜନ ନାହିଁ । ପୁରୀ କେବଳ ଏକ ମନ୍ଦିର ନୁହେଁ, ପୁରୀ ହେଉଛି ମାନବ ଚେତନାର ଏକ ଅନନ୍ୟ କେନ୍ଦ୍ର । ପୁରୀକୁ ମନୁଷ୍ୟର ଆବଶ୍ୟକତା ଅଛି ଶାନ୍ତି, ପରସ୍ପରକୁ ଭଲ ପାଇବା ଏବଂ ବିଶ୍ୱାସ କରିବା - ଏ ସବୁର ପ୍ରୟୋଗଶାଳା ହେଲା ଆମ ପୁରୀ ।

ସେ ଆହୁରି କହିଛନ୍ତି, ଆଜିଠୁ ପ୍ରାୟ ଦୁଇ ଶହ ବର୍ଷ ପୂର୍ବ ଓଡ଼ିଶାର ଜଣେ ସାଧାରଣ ବ୍ୟକ୍ତି, ଯାହାଙ୍କୁ ପୁରୀରେ ଆପଣମାନେ 'ଧୂଳି ବାବା' ଭାବରେ ନାମିତ କରିଥିଲେ, ସେ ପରେ ଯାଇ ମହିମା ଗୋସାଇଁଙ୍କ ଦ୍ୱାରା ପରିଚିତ ଓ ପ୍ରଭାବିତ ହୋଇଥିଲେ । ସେହି 'ଶୂନ୍ୟ ବ୍ରହ୍ମ' ଓ ଦାରୁବ୍ରହ୍ମ ଠାରୁ ପ୍ରେରଣା ଲାଭ କରି ଶୂନ୍ୟ ବ୍ରହ୍ମର ପରିକଳ୍ପନାକୁ ବ୍ୟାଖ୍ୟାନ, ପରିଭାଷିତ ଏବଂ ଭାଷ୍ୟ କରିଥିଲେ। ସେହି ମହାନ ପ୍ରେରଣାରୁ ଉଦଭୂତ ହୋଇ ସମ୍ବଲପୁର ଜିଲ୍ଲାର ଏକ ଗ୍ରାମରେ ସନ୍ଥ କବି ଭୀମ ଭୋଇ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ଜନ୍ମନେଇଥିଲେ। ତାଙ୍କର ଅମର ବାଣୀ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ପ୍ରମାଣ କରେ ଯେ ଓଡ଼ିଶାରେ କୌଣସି ବିଚାର କିମ୍ବା ସାଧନା କେବେବି ସାମାନ୍ୟ କିମ୍ବା ଛୋଟ ହୋଇନଥାଏ।

ମହାପ୍ରଭୁଙ୍କର ଲୀଳା ଓ ଶୂନ୍ୟ ବ୍ରହ୍ମର କଳ୍ପନା ସମଗ୍ର ବିଶ୍ୱକୁ ପ୍ରେରିତ କରୁଛି । ଇତିହାସରେ ଗୁରୁ ନାନକଦେବ ଏବଂ ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ସନ୍ଥ ଓ ଭକ୍ତମାନେ ଆସିଛନ୍ତି । ଓଡ଼ିଶାରେ ଗ୍ୟାସ୍‌ଭିତ୍ତିକ ଅର୍ଥନୀତି ଏବଂ ମହାପ୍ରଭୁଙ୍କ କୃପାରୁ ପୁରୀ-କୋଣାର୍କ ସମୁଦ୍ରର ଅନତି ଦୂରରେ ବଡ଼ଧରଣର ଗ୍ୟାସ୍ ଭଣ୍ଡାରର ସମ୍ଭାବନା ଓଡ଼ିଶାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ପୁରୀକୁ ଏବଂ ଶ୍ରୀମନ୍ଦିରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆମକୁ ମନ୍ଦିର ଭିତରୁ ସଫେଇ ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ପ୍ଲାଷ୍ଟିକ୍ କାରଣରୁ ପରିବେଶ, ଜଳବାୟୁ ଏବଂ ସମୁଦ୍ର ଜଳସମ୍ପଦ ପ୍ରଭାବିତ ହେଉଛି। ତେଣୁ ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ। ଭାରତ ସରକାରଙ୍କ 'ଜ୍ଞାନ ଭାରତମ୍' ଯୋଜନା ମାଧ୍ୟମରେ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଦେଶର ସମସ୍ତ ପୁରଣା ପୋଥି ଓ ଗ୍ରନ୍ଥଗୁଡ଼ିକୁ ଏକାଠି କରି ଡିଜିଟାଲାଇଜ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଜରିଆରେ ସେଗୁଡ଼ିକର ଭାଷ୍ୟ ପ୍ରସ୍ତୁତ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ଆଜିର ପିଢ଼ିକୁ ସନାତନ ପରମ୍ପରାରେ ମଜବୁତ୍ କରାଯିବ ।ଏହି ଅବସରରେ ଶ୍ରୀ ପ୍ରଧାନ ମଞ୍ଚରେ ପ୍ରଦର୍ଶିତ ଓଡ଼ିଶାର ପାରମ୍ପରିକ ତଥା ବିଲୁପ୍ତ ପ୍ରାୟ 'ମାହାରୀ' ନୃତ୍ୟକୁ ଜୀବନରେ ପ୍ରଥମ ଥର ପାଇଁ ଦେଖିବା ସହ ଏହାର ପ୍ରଶଂସା କରିଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, କ୍ରୀଡ଼ା-ଯୁବସେବା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ପୁରୀର ସାଂସଦ ଡକ୍ଟର ସମ୍ବିତ ପାତ୍ର, ,ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡ଼ଙ୍ଗୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ସେବାୟତମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

## ଟ୍ରେନ୍ ନିରାପତ୍ତା ପ୍ରତି ସତର୍କତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ତିନି ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୩/୧୦: ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ତିନି ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି। ଜୁଲାଇ ଓ ଅଗଷ୍ଟ ୨୦୨୬ ମାସରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେଇପାରିଥିଲେ। ଏହାଦ୍ୱାରା ସୁରକ୍ଷିତ ଓ ସୁଚାରୁ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ସମ୍ଭବ ହୋଇପାରିଥିଲା ।

ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ:

୧. ଶ୍ରୀ ସାରଦା ପ୍ରସାଦ ସାହୁ, ଟ୍ରାକ୍ ମେଣ୍ଟେନର୍-୪, ବଡ଼ବନ୍ଧ (ୱରେ/ ଚ.ଡବଛ/ଗୋରଖନାଥ ଅଧୀନରେ), ଖୋର୍ଦ୍ଧା ରୋଡ୍ ମଣ୍ଡଳ।

୨. ଶ୍ରୀ ତ୍ରିନାଥ ସେଲମା, ଟ୍ରାକ୍ ମେଣ୍ଟେନର୍-୪, କଣ୍ଟାବାଞ୍ଜି, ସମ୍ବଲପୁର ମଣ୍ଡଳ।

୩. ଶ୍ରୀ ଶୁଭମ ସା, ଟ୍ରାକ୍ ମେଣ୍ଟେନର୍-୪, (ୱରେ/ଚ.ଡବଛ/ମହାସମୁନ୍ଦ ଅଧୀନରେ), ସମ୍ବଲପୁର ମଣ୍ଡଳ।

ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ କର୍ମଚାରୀମାନେ ଅସାଧାରଣ ସତର୍କତା ପ୍ରଦର୍ଶନ କରି ରେଳ ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ସେମାନଙ୍କର ତ୍ୱରିତ ସୂଚନା ଆଧାରରେ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନିଆଯାଇ ରେଳ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରାଯାଇପାରିଥିଲା। ରେଳ ନିରାପତ୍ତା ବଜାୟ ରଖିବାରେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସତର୍କତା, ଦାୟିତ୍ୱବୋଧ ଓ ତ୍ୱରିତ ପଦକ୍ଷେପର ଗୁରୁତ୍ୱକୁ ଏହା ପ୍ରତିପାଦିତ କରିଛି।

ପୂର୍ବ ତଟ ରେଳପଥ ରେଳ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଇ ଏକ ସୁଦୃଢ଼ ନିରାପତ୍ତା ସଂସ୍କୃତି ଗଠନ ଦିଗରେ ନିରନ୍ତର ପ୍ରୟାସ କରୁଛି। ଏଥିପାଇଁ ସମସ୍ତ ସ୍ତରର ରେଳ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ସତର୍କ ରହିବା, ଯେକୌଣସି ଅସ୍ୱାଭାବିକ ଘଟଣା କିମ୍ବା ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିକୁ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ଏବଂ ଆବଶ୍ୟକ ସମନ୍ୱୟ ରକ୍ଷା କରିବାକୁ ଉତ୍ସାହିତ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ଟ୍ରେନ୍ ଚଳାଚଳର ନିରାପତ୍ତା ଓ ନିର୍ଭରଯୋଗ୍ୟତା ବୃଦ୍ଧି ସହ ରେଳ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେଉଛି।

କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ସତର୍କତା, କର୍ତ୍ତବ୍ୟନିଷ୍ଠା ଓ ଦାୟିତ୍ୱବୋଧର ଉଚ୍ଚ ପ୍ରଶଂସା କରିଥିଲେ। ଟ୍ରେନ୍ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରିବାରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ ରେଳ କର୍ମଚାରୀଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନରେ ସମାନ ସତର୍କତା ଓ ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତିଗତ ଦାୟିତ୍ୱବୋଧ, ସାମୂହିକ ପ୍ରୟାସ ଓ ସମୟୋଚିତ ପଦକ୍ଷେପ ଏକ ସୁଦୃଢ଼ ରେଳ ନିରାପତ୍ତା ବ୍ୟବସ୍ଥାର ମୂଳଭିତ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

ସମ୍ପାଦକୀୟ

## ଭୁବନେଶ୍ୱରର ପରିଚୟ

ଭୁବନେଶ୍ୱର ଓଡ଼ିଶାର ରାଜଧାନୀ। ଏହା କେବଳ ଏକ ସହର ନୁହେଁ, ରାଜ୍ୟର ଶାସନ, ଶିକ୍ଷା, ନ୍ୟାୟ, ଚିକିତ୍ସା, ବାଣିଜ୍ୟ, ପ୍ରଯୁକ୍ତି, ଯୋଗାଯୋଗ ଓ ନିଯୁକ୍ତିର ଏକ ବଡ କେନ୍ଦ୍ର। ତଥାପି ପ୍ରଶାସନିକ ମାନଚିତ୍ରରେ ଭୁବନେଶ୍ୱର ଆଜି ଖୋର୍ଦ୍ଧା ଜିଲ୍ଲାର ଅଂଶ। ଓଡିଶା ସରକାରଙ୍କ ଉପଲବ୍ଧ ଜିଲ୍ଲା ତଥ୍ୟ ଅନୁସାରେ ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟାଳୟ ଖୋର୍ଦ୍ଧା ସହରରେ ଥିବାବେଳେ ଭୁବନେଶ୍ୱର ଏକ ପୃଥକ ଉପଖଣ୍ଡ ଭାବେ ରହିଛି। ଭୁବନେଶ୍ୱର ମହାନଗର ନିଗମ ଏହି ପ୍ରଶାସନିକ ଗଠନର ମଧ୍ୟରେ ଏକ ବିଶିଷ୍ଟ ନଗର ଏକକ। ଏହି ପରିସ୍ଥିତିରେ ଏକ ପ୍ରଶ୍ନକୁ ନୂଆ ଭାବରେ ଆଲୋଚନା କରିବାର ସମୟ ଆସିଛି–ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଭାବେ ଗଠନ କରିବାର ପ୍ରଶାସନିକ, ଆର୍ଥିକ ଓ ଲୋକସେବାମୂଳକ ଯୁକ୍ତି କେତେ ଦୃଢ ଏହି ପ୍ରଶ୍ନର ଉତର ଭାବନାରେ ନୁହେଁ, ତଥ୍ୟ ଲୋକଙ୍କ ସୁବିଧା ଓ ଭବିଷ୍ୟତର ସହର ଯୋଜନାକୁ ଆଧାର କରି ଖୋଜିବା ଆବଶ୍ୟକ। ଓଡିଶା ସରକାରଙ୍କ ନିଜସ୍ୱ ତଥ୍ୟରେ ରାଜ୍ୟର ରାଜଧାନୀ ଭାବରେ ଭୁବନେଶ୍ୱରର ପରିଚୟ ସ୍ପଷ୍ଟ ଭାବେ ଦିଆଯାଇଛି ଏବଂ ରାଜ୍ୟରେ ତିରିଶଟି ଜିଲ୍ଲା ରହିଛି। ରାଜଧାନୀ ଯେତେ ବଢୁଛି, ତାହାର ପ୍ରଶାସନିକ ଆବଶ୍ୟକତା ମଧ୍ୟ ସେତେ ବଦଳୁଛି। ଏକ ସମୟର ଛୋଟ ଯୋଜନାବଦ୍ଧ ସହର ଆଜି ବିସ୍ତୃତ ମହାନଗରୀୟ ଅଂଚଳର କେନ୍ଦ୍ରରେ ପରିଣତ ହୋଇଛି । ଏହା ସହିତ ଜନସଂଖ୍ୟାରେ ଚାପ, ଯାତାୟତ, ଆବାସ, ଜଳଯୋଗାଣ, ନିଷ୍କାସନ, ବର୍ଜ୍ୟ ପରିଚାଳନା, ନଗର ସୁରକ୍ଷା, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ନାଗରିକ ଅଭିଯୋଗର ଆକାର ମଧ୍ୟ ବଢିଛି। ତେଣୁ ପ୍ରଶ୍ନ କେବଳ ନୂଆ ଜିଲ୍ଲା ଘୋଷଣାରେ ନୁହେଁ, ପ୍ରଶ୍ନ ହେଉଛି ରାଜଧାନୀର ବିକାଶକୁ କେଉଁ ପ୍ରଶାସନିକ ଗଠନ ସବୁଠାରୁ ଦ୍ରୁତ, ସମନ୍ୱିତ ଓ ଉତରଦାୟୀ କରିପାରିବ। ଆଜି ଜଣେ ନାଗରିକଙ୍କୁ ଜମି, ରାଜସ୍ୱ, ପ୍ରମାଣପତ୍ର, ସାମାଜିକ ସୁରକ୍ଷା, ଆଇନଶୃଙ୍ଖଳା, ବିପର୍ଯ୍ୟାୟ ପରିଚାଳନା କିମ୍ବା ଅନ୍ୟ ପ୍ରଶାସନିକ ସେବା ପାଇଁ ବିଭିନ୍ନ କାର୍ଯ୍ୟାଳୟ ସହ ସମ୍ପର୍କ କରିବାକୁ ପଡେ । ରାଜଧାନୀର ଭୌଗୋଳିକ ବିସ୍ତାର ଓ ନାଗରିକ ଚାହିଦା ଦୃଷ୍ଟିରୁ ଏହି ସେବାଗୁଡିକୁ ଏକ ସ୍ପଷ୍ଟ ଜିଲ୍ଲା ପ୍ରଶାସନିକ ଢାଂଚାରେ ଆଣିବା ଯୋଗୁଁ କିଛି ସୁବିଧା ମିଳିପାରେ। ଜିଲ୍ଲାପାଳଙ୍କ ନେତୃତ୍ୱରେ ରାଜସ୍ୱ, ବିପର୍ଯ୍ୟାୟ, ନିର୍ବାଚନ, ଜନଅଭିଯୋଗ ଓ ବିଭାଗୀୟ ସମନ୍ୱୟରେ ଏକ କେନ୍ଦ୍ରୀଭୂତ ଦାୟିତ୍ୱ ତିଆରି ହୋଇପାରେ। ଏହାର ଅର୍ଥ ନୁହେଁ ଯେ ନୂଆ ଜିଲ୍ଲା ହେଲେ ସମସ୍ୟା ଆପେଆପେ ସମାଧାନ ହେବ। ନୂଆ ଜିଲ୍ଲା ଗଠନ ସହ ନୂଆ କାର୍ଯ୍ୟାଳୟ, କର୍ମଚାରୀ, ଭବନ, ଅର୍ଥବ୍ୟବସ୍ଥା, ରାଜସ୍ୱ ସୀମା, ଥାନା ଓ ଅନ୍ୟ ସଂସ୍ଥାର ପୁନର୍ବିନ୍ୟାସ ଭଳି ପ୍ରଶ୍ନ ମଧ୍ୟ ଜଡିତ ରହିବ। ତେଣୁ ଯେକୌଣସି ନିଷ୍ପତି ପୂର୍ବରୁ ସ୍ୱତନ୍ତ୍ର ଅଧ୍ୟୟନ ଖର୍ଚ୍ଚ ଓ ଲାଭର ତୁଳନା, ଜନସଂଖ୍ୟାର ଆଗାମୀ ବୃଦ୍ଧି, ଜମିର ଉପଲବ୍ଧତା, କାର୍ଯ୍ୟାଳୟ ଭିତିଭୂମି ଓ ନିକଟସ୍ଥ ଅଂଚଳର ପ୍ରଶାସନିକ ପ୍ରଭାବ ଯାଂଚ ହେବା ଆବଶ୍ୟକ। ଖୋର୍ଦ୍ଧା ଜିଲ୍ଲା ନିଜେ ମଧ୍ୟ ବଡ ଓ ବିବିଧ ଜିଲ୍ଲା। ସରକାରୀ ତଥ୍ୟରେ ଏହାର କ୍ଷେତ୍ରଫଳ ପ୍ରାୟ ଦୁଇ ହଜାର ଆଠଶହ ତେର କିଲୋମିଟର, ଦଶଟି ତହସିଲ, ଦଶଟି ବିକାଶଖଣ୍ଡ ଏବଂ ଅନେକ ଗ୍ରାମ ଓ ସହରୀୟ ଏକକ ଥିବା ଦର୍ଶାଯାଉଛି। ଦୁଇ ହଜାର ଏଗାର ଜନଗଣନା ଆଧାରିତ ତଥ୍ୟରେ ଜିଲ୍ଲାର ଜନସଂଖ୍ୟା ପ୍ରାୟ ବାଇଶ ଲକ୍ଷ ପଚାଶ ହଜାର ଥିଲା। ଏହି ବିଶାଳ ଭୂଭାଗର ଗ୍ରାମୀଣ, ସହରୀୟ, ଉପକୂଳୀୟ ଓ ମହାନଗରୀୟ ଆବଶ୍ୟକତା ସମାନ ନୁହେଁ। ଭୁବନେଶ୍ୱରର ନଗରୀୟ ଚାହିଦା ଏବଂ ଖୋର୍ଦ୍ଧା ଜିଲ୍ଲାର ଅନ୍ୟ ଅଂଚଳର ଚାହିଦାକୁ ଏକ ପ୍ରଶାସନିକ ଚଶମାରେ ଦେଖିବା ସବୁବେଳେ ସହଜ ନୁହେଁ। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଜିଲ୍ଲାର ଦାବିକୁ କେବଳ ରାଜଧାନୀର ଗର୍ବର ପ୍ରଶ୍ନ କରିଦେଲେ ଆଲୋଚନା ଅସମ୍ପୂର୍ଣ୍ଣ ରହିବ। ଏହାକୁ ଲୋକସେବାର ଗୁଣ, ପ୍ରଶାସନିକ ଦାୟିତ୍ୱ, ଆର୍ଥିକ ସମ୍ଭାବନା ଓ ଭବିଷ୍ୟତ ଯୋଜନାର ପ୍ରଶ୍ନ ଭାବରେ ଦେଖିବା ଦରକାର। ଆଉ ଏକ ମୁଖ୍ୟ ପ୍ରଶ୍ନ ହେଉଛି ଭୁବନେଶ୍ୱରର ସୀମା। ମହାନଗରର ବିକାଶ ଏବେ ନିଗମ ସୀମାରେ ଅଟକି ରହେ ନାହିଁ। ଜଟଣୀ, ବାଲିଅନ୍ତା, ବାଲିପାଟଣା ଓ ଆଖପାଖର ବିକାଶ ଅଂଚଳ ସହ ଯାତାୟତ, ଶିକ୍ଷା, ଚାକିରି, ବାଣିଜ୍ୟ ଓ ଆବାସର ସମ୍ପର୍କ ଦିନକୁ ଦିନ ଘନିଷ୍ଠ ହେଉଛି। ଖୋର୍ଦ୍ଧା ଜିଲ୍ଲାର ସରକାରୀ ବର୍ଣ୍ଣନାରେ ଭୁବନେଶ୍ୱର ଉପଖଣ୍ଡ ଅଧୀନରେ ଭୁବନେଶ୍ୱର, ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ଅଂଚଳର ପ୍ରଶାସନିକ ବ୍ୟବସ୍ଥା ଉଲ୍ଲେଖ ରହିଛି । ତେଣୁ ଭୁବନେଶ୍ୱର ଜିଲ୍ଲା ଗଠନ ନେଇ ଆଲୋଚନା କଲେ ନୂଆ ସୀମା କେଉଁଠି ହେବ, କେଉଁ ଅଂଚଳ ଯୋଡାଯିବ, କେଉଁ ଅଂଚଳ ଖୋର୍ଦ୍ଧା ସହ ରହିବ ଏବଂ ଲୋକଙ୍କ ଦୈନନ୍ଦିନ ସେବାରେ କେଉଁ ପରିବର୍ତନ ଆସିବ–ଏସବୁ ପ୍ରଶ୍ନର ସ୍ପଷ୍ଟ ଉତର ଦରକାର। ଏଠାରେ ନାଗରିକ ଅଂଶଗ୍ରହଣ ମଧ୍ୟ ଅତ୍ୟନ୍ତ ଜରୁରୀ। ସରକାର ଯଦି ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଆଗକୁ ବଢିବାକୁ ଚାହେଁ, ତେବେ ପ୍ରଶାସନିକ ବିଶେଷଜ୍ଞ, ନଗର ଯୋଜନା ବିଶେଷଜ୍ଞ, ରାଜସ୍ୱ ଅଧିକାରୀ, ଜନପ୍ରତିନିଧି, ନାଗରିକ ସଂଗଠନ, ବ୍ୟବସାୟୀ, ଶିକ୍ଷାବିତ୍ ଓ ସାଧାରଣ ଲୋକଙ୍କ ମତ ନେଇ ଏକ ସ୍ପଷ୍ଟ ପ୍ରତିବେଦନ ପ୍ରସ୍ତୁତ କରାଯାଇପାରେ। ଏହାରେ ଭାବନା ନୁହେଁ, ମାପଯୋଗ୍ୟ ମାନଦଣ୍ଡ ରହିବା ଉଚିତ। କେତେ ଲୋକଙ୍କୁ କେତେ ଦୂର ଯାଇ ସେବା ନେବାକୁ ପଡୁଛି, କେତେ ସମୟ ଲାଗୁଛି, ବର୍ତମାନ ବ୍ୟବସ୍ଥାରେ କେଉଁଠି ପ୍ରଶାସନିକ ଅସୁବିଧା ରହିଛି ନୂଆ ଜିଲ୍ଲା ହେଲେ କେତେ ଖର୍ଚ୍ଚ ହେବ ଓ କେତେ ଲୋକସେବା ଉନ୍ନତ ହେବ–ଏହି ସବୁ ପ୍ରଶ୍ନର ତଥ୍ୟାଧାରିତ ଉତର ହିଁ ନିଷ୍ପତିର ଆଧାର ହେବା ଦରକାର। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବାର ଦାବିର ଆଉ ଏକ ଦିଗ ହେଉଛି ବିପର୍ଯ୍ୟାୟ ପରିଚାଳନା। ରାଜଧାନୀ ଅଂଚଳରେ ବନ୍ୟା, ଅତିବୃଷ୍ଟି, ଅଗ୍ନିକାଣ୍ଡ, ଭୂମିକମ୍ପ ଭଳି ବିପଦ ପାଇଁ ଦ୍ରୁତ ସମନ୍ୱୟ ଆବଶ୍ୟକ। ଏକ ସ୍ପଷ୍ଟ ଜିଲ୍ଲା ପ୍ରଶାସନ ଥିଲେ ଦାୟିତ୍ୱ ନିର୍ଦ୍ଧାରଣ ଓ ସମନ୍ୱୟର କିଛି ଦିଗ ସରଳ ହୋଇପାରେ, କିନ୍ତୁ ଏହା ପାଇଁ ପୃଥକ ଜିଲ୍ଲା ଆବଶ୍ୟକ ଏହା ପ୍ରମାଣ କରିବାକୁ ମଧ୍ୟ ଅଧ୍ୟୟନ ଆବଶ୍ୟକ। ନଗର ଶାସନର ଅନ୍ୟ ଏକ ମୁଖ୍ୟ ଦିଗ ହେଉଛି ଦାୟିତ୍ୱର ସ୍ପଷ୍ଟତା। ମହାନଗର ନିଗମ, ଉନ୍ନୟନ କର୍ତୃପକ୍ଷ, ରାଜସ୍ୱ ପ୍ରଶାସନ, ପୁଲିସ, ଜଳଯୋଗାଣ, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଅନ୍ୟ ସଂସ୍ଥା ମଧ୍ୟରେ ଯେତେ ଅଧିକ ସମନ୍ୱୟ ରହିବ, ନାଗରିକ ସେବା ସେତେ ସୁଗମ ହେବ। ତେଣୁ ଜିଲ୍ଲା ଗଠନ ହେଉ କି ନହେଉ, ରାଜଧାନୀ ପାଇଁ ଏକ ସମନ୍ୱିତ ପ୍ରଶାସନିକ ଯୋଜନା ଅବଶ୍ୟ ଆବଶ୍ୟକ। ଯଦି ସରକାର ଏହି ପ୍ରସଙ୍ଗରେ ଅଧ୍ୟୟନ କମିଟି ଗଠନ କରନ୍ତି, ତାହା ଦାବିକୁ ତଥ୍ୟର ମଂଚ ଦେବ। ଯଦି ଅଧ୍ୟୟନରେ ଲେକାସେବା, ଅର୍ଥନୀତି ଓ ପ୍ରଶାସନିକ କାର୍ଯ୍ୟକ୍ଷମତା ପାଇଁ ସ୍ୱତନ୍ତ୍ର ଜିଲ୍ଲା ଉପଯୋଗୀ ବୋଲି ପ୍ରମାଣିତ ହୁଏ, ତେବେ ପରବର୍ତୀ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ବିଚାର କରାଯାଇପାରେ। ଆଉ ଯଦି ଅଧ୍ୟୟନ ଅନ୍ୟ ମଡେଲକୁ ଅଧିକ ଉପଯୋଗୀ ଦେଖାଏ, ତେବେ ସେହି ବିକଳ୍ପକୁ ମଧ୍ୟ ଗ୍ରହଣ କରିବାର ସାହସ ରହିବା ଦରକାର। ଏହା ହିଁ ଦାୟିତ୍ୱଶୀଳ ଶାସନର ଲକ୍ଷଣ। ରାଜଧାନୀର ମର୍ଯ୍ୟାଦା କେବଳ ନାମରେ ନୁହେଁ, ନାଗରିକ କେତେ ସହଜରେ ସେବା ପାଉଛନ୍ତି ତାହାରେ ମପାଯିବା ଉଚିତ। ଭୁବନେଶ୍ୱର ଜିଲ୍ଲା ହେବ କି ନାହିଁ, ଏହା ଶେଷରେ ସରକାରୀ ଅଧ୍ୟୟନ, ଆଇନଗତ ପ୍ରକ୍ରିୟା, ପ୍ରଶାସନିକ ସମ୍ଭାବନା ଓ ଲୋକହିତକର ମୂଲ୍ୟାୟନର ବିଷୟ। କିନ୍ତୁ ଏହି ପ୍ରଶ୍ନକୁ ଏଡାଇ ଯିବା ଠାରୁ ଏହାକୁ ଖୋଲା ମନରେ ପରୀକ୍ଷା କରିବା ଅଧିକ ଯୁକ୍ତିସଙ୍ଗତ। ରାଜଧାନୀ ବଢୁଛି, ତାହାର ସମସ୍ୟା ବଦଳୁଛି, ନାଗରିକଙ୍କ ଆଶା ବଢୁଛି। ତେଣୁ ପ୍ରଶାସନିକ ଗଠନ ମଧ୍ୟ ସମୟ ସହିତ ପୁନର୍ବିଚାର ହେବା ସ୍ୱାଭାବିକ। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରିବା ଦାବିକୁ ତୁରନ୍ତ ଗ୍ରହଣ କିମ୍ବା ଖାରଜ କରିବା ପୂର୍ବରୁ ସରକାର ଏକ ନିଷ୍ପକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ଅଧ୍ୟୟନ ଆରମ୍ଭ କରିପାରନ୍ତି। ସେହି ଅଧ୍ୟୟନର ଫଳାଫଳ ସାଧାରଣ ଲୋକଙ୍କ ସମ୍ମୁଖରେ ରଖାଯାଇପାରେ। ଏହା ଦ୍ୱାରା ଦାବି ନାରାରୁ ନୀତି ଆଲୋଚନାକୁ ଉଠିବ ଏବଂ ନିଷ୍ପତି ଭାବନାରୁ ତଥ୍ୟକୁ ଆସିବ।

# ଗିରଫଦାରୀ ରେ ଅଧିକାରର ହନନ ନ ହେଉ

ଗୋପାଳ ମହାପାତ୍ର

ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସୁପ୍ରମ୍‌କୋର୍ଟ ଏକସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ମାନ୍ୟବର କୋର୍ଟ ପୋଲିସପ୍ରଶାସନ କୁ ଏ ପ୍ରସଙ୍ଗରେ ମଧ୍ୟ ଚେତାଇ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱକଭୁୟାଂ ଏବଂ ବିଚାରପତି ଅତୁଲ ଏସ୍ ଚନ୍ଦରକର ଙ୍କ ପୀଠ ଜସକରଣ ଜିତ ସିଂହ ବନାମ ପଞ୍ଜାବ ରାଜ୍ୟ ସରକାର ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଛେଦ ୨୨(୧) ଅନୁସାରେ ଯଦି ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ଲିଖିତଭାବେ ଉପଲବ୍ଧ କରାଯାଏନାହିଁ ତେବେ ଏହି ଗିରଫଦାରୀ ଅବୈଧ ଏବଂ ଅଣସାମ୍ବିଧାନୀକ ଅଟେ। ଏପରିକି ଏଭଳି ନିର୍ଦ୍ଦେଶର ଉଲଂଘନ ଗିରଫ ହୋଇଥିବା ବ୍ୟକ୍ତିର ତୁରନ୍ତ ଖଲାସହେବାର କାରଣ ହୋଇଥାଏ। ଏହାର ସିଧାସଳଖ ଅର୍ଥ ହେଉଛି ଅଭିଯୁକ୍ତ କୁ ଗିରଫ କରିବା ପୂର୍ବରୁ ପୋଲିସ ସଂପୃକ୍ତ ଅଭିଯୁକ୍ତ କୁ ଲିଖିତ ଭାବେ ଗିରଫ କରାଯିବାର କାରଣ ଉପଲବ୍ଧ କରାଇବେ। ଅନ୍ୟଥା ଏହା ଅଣ ସାମ୍ବିଧାନିକ ଅଟେ। ମାନ୍ୟବର କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଲିଖିତ ଭାବେ କାରଣ ଉପଲବ୍ଧ ନ କରାଇ ଗିରଫ କରାଗଲେ ଗିରଫ କରିଥିବା ପୋଲିସ ଅଧିକାରୀ ଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ମାନ୍ୟବର କୋର୍ଟଙ୍କ ପୀଠ ସମ୍ବିଧାନର ଅନୁଛେଦ୨୨(୨)ର କଥା ଉଲ୍ଲେଖ କରି କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିକୁ ୨୪ ଘ□। ମଧ୍ୟରେ ନିକଟତମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ସାମନରେ ହାଜର କରାଯିବା ଆବଶ୍ୟକ ଏବଂ ଏହା ଅଭିଯୁକ୍ତର ଅଧିକର ଅଟେ ।

ଅନେକେ ଏକଥା ଜାଣିନଥିବେ,ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ସମୟରେ ଭାରତୀୟ ସମ୍ବିଧାନର ସଂରକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଅନେକ ମାମଲାରେ ସାଧାରଣ ନାଗରିକଙ୍କର ମୂଳ ଅଧିକାର ର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟ ଶୁଣାଉଛନ୍ତି। ସେହିଭଳି ନିକଟରେ ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକଐତିହାସିକ ରାୟ ଶୁଣାଇଛନ୍ତି। ଜସକରଣ ଜିତ ସିଂହ ଙ୍କୁ ପକ୍ସୋଆଇନ୍ ୨୦୧୨ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁସାରେ ଗିରଫ କରାଯାଇଥିଲା ।ଯେତେବେଳେ ପୋଲିସ ଜସକରଣ ଜିତ ସିଂହଙ୍କୁ ମାଜିଷ୍ଟ୍ରେଟ ଙ୍କ ସମ୍ମୁଖରେ ହାଜର କରାଇଲେ ସେତେବେଳେ ମିହିର ଶାହା ବନାମ ମହାରାଷ୍ଟ୍ର ରାଜ୍ୟସରକାର (୨୦୨୫) ର ନିର୍ଣ୍ଣୟ ଅନୁସାରେ ମାଜିଷ୍ଟ୍ରେଟ ଜସକରଣ ଙ୍କ ଗିରଫ ଅବୈଧ କହି ତାଙ୍କୁ ତୁରନ୍ତ ଖଲାସ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଦ

ମାଜିଷ୍ଟ୍ରେଟ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଥିଲେ ଯେ ପୋଲିସ ଜସକରଣ ସିଂହଙ୍କୁ ଗିରଫ କଲାବେଳେ ଲିଖିତ ଭାବେ ଗିରଫର କାରଣ ଦର୍ଶାଇ ନଥିଲେ। ଏହି ମାମଲାପୁଣି ପହ□ିଲା ପଞ୍ଜାବ-ହରିୟାଣା ହାଇକୋର୍ଟ ରେ। ପଞ୍ଜାବ-ହରିୟାଣା ହାଇକୋର୍ଟ ତଳ କୋର୍ଟଙ୍କ ଆଦେଶ ଉପରେ ପ୍ରତିବନ୍ଧ ଲଗାଇଦେଲେ, ଫଳରେ ଜସକରଣ ସିଂହ ମାନ୍ୟବର ସୁପ୍ରିମ୍‌କୋର୍ଟ ଙ୍କ ଦ୍ୱାରସ୍ଥ ହେଲେ। ମାନ୍ୟବର ସୁପ୍ରିମ୍‌କୋର୍ଟ ବା ଦେଶର ସର୍ବୋଚ୍ଚନ୍ୟାୟାଳୟ ମାମଲାର ବିଚାର କରି କହିଥିଲେ ଯେ ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ସରଳ ଭାଷାରେ ଲିଖିତ ଭାବେ ଦେବା ବାଧ୍ୟତାମୂଳକ। ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏହି ଅଧିକାରର ହନନ କୁ ବରଦାସ୍ତ କରା ଯାଇପାରିବ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନିଷ୍ପ□ ଅନୁସାରେ ଗିରଫ କରାନଯିବାର କାରଣ ନଜଣାଇବା କାରଣରୁ ଯଦି ଅଭିଯୁକ୍ତ ଖଲାସ ହୋଇଯାଏ ଏବଂ ତାହା ପରେ ଯଦି ତଦନ୍ତକରୀ ସଂସ୍ଥା ଅଭିଯୁକ୍ତ ଙ୍କୁ ହାଜତ କୁ ନେଇ ପଚରା ଉଚୁରା କରିବାରୁ ଚାହାଁନ୍ତି ତେବେ ଗିରଫ କରାଯିବାର ଆଧାର ଲିଖିତ ଭାବେ ଅଭିଯୁକ୍ତକୁ ଜଣାଇବାକୁ ପଡ଼ିବ। ଏହାପରେ ଅଭିଯୁକ୍ତ ଙ୍କୁ ହାଜତକୁ ନେବା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ଆବେଦନରେ ପୁନଃ ଗିରଫଦାରୀର ଆବଶ୍ୟକତା ଏବଂ ପୁର୍ବର ଗିରଫଦାରୀ ବେଳେ ଗିରଫ କରାଯିବାର ଆଧାର ନ ଜଣାଇବାର କାରଣ ମଧ୍ୟ ଦର୍ଶାଇବାକୁ ପଡ଼ିବ । ଏଭଳି ଆବେଦନ ପାଇଁ ପୋଲିସ ଅଧିକାରୀଙ୍କୁ ବରିଷ୍ଠ ଅଧିକାରୀଙ୍କ ଅନୁମୋଦନ ମଧ୍ୟ ଆବଶ୍ୟକ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଛେଦ ୨୨(୧) ରେ ସମସ୍ତଙ୍କୁ ଗିରଫଦାରୀ ସମ୍ବନ୍ଧିତ ମୌଳିକ ଅଧିକାର ଦେଇଛି। ଅନୁଛେଦ ୨୨(୧) ଅନୁସାରେ ଅଭିଯୁକ୍ତ ତାଙ୍କ ପସନ୍ଦର ଓକିଲଙ୍କ ସହ ପରାମର୍ଶ କରିପାରିବେ ଏବଂ ଆଇନଗତ ଭାବେ ତାଙ୍କର ପ୍ରତିନିଧି କରିପାରିବେ । ସରଳ ଶବ୍ଦରେ କହିବାକୁ ଗଲେ ଅନୁଛେଦ ୨୨(୧) ବେଆଇନ୍ ଭାବେ ଗିରଫ କରାଯିବା ବିରୁଦ୍ଧରେ ଏକ ଅସ୍ତ୍ର ଅଟେ, କିନ୍ତୁ କେତେକ ବିଶେଷ କାରଣରେ ଏହି ଅଧିକାର ଉପରେ ପ୍ରତିବନ୍ଧ ଲଗାଯାଇପାରେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପୋଲିସ କୁ ଉ□ରଦାୟୀ କରିବା ଏବଂ ନାଗରିକଙ୍କ ପାଇଁ ଆଇନ୍ ସୁରକ୍ଷାର ସନ୍ଦେଶ ଦେଇଛି। ଗିରଫଦାରୀର ଆଧାର ଜଣାଇବା, ଠିକ୍ ସମୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ଏବଂ ଆଇନ୍‌ଗତ ସହାୟତାର ସୁଯୋଗଦେବା ନ୍ୟାୟପୁର୍ଣ୍ଣ ପ୍ରକ୍ରିୟା ପାଇଁ ଜରୁରୀ। ଆଇନ୍‌ର ପାଳନ ଉଭୟ ପକ୍ଷଙ୍କ ପାଇଁ ସମାନ ରୂପରେ ମଧ୍ୟ ଜରୁରୀ। ପୋଲିସର ଗିରଫଦାରୀ ବ୍ୟକ୍ତିର ସ୍ୱତନ୍ତ୍ରତା କୁ ସିଧାସଳଖ ପ୍ରଭାବିତ କରିଥାଏ। ଏଣୁ ଆଇନରେ ଏଥିପାଇଁ ସ୍ପଷ୍ଟ ସୁରକ୍ଷା ପ୍ରାବଧାନ ରହିଛି। ମାନ୍ୟବର କୋର୍ଟ ତାଙ୍କ ରାୟରେସ୍ପଷ୍ଟ କରିଦେଇଛନ୍ତି ଓ ଏପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହି ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ବାଧ୍ୟତାକୁ ରେଖାଙ୍କିତ କରିଛନ୍ତି ।ଏହି ନିର୍ଦ୍ଦେଶ ସାଧାରଣ ଲୋକଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମିଳିଥିବା ଅଧିକାର ଏବଂ ପୋଲିସର ଉ□ରଦାୟୀତ୍ୱ କୁ ବୁଝିବାଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।

ରାମଚନ୍ଦ୍ରପୁର,ଗଣପୁର
ମୋ-୯୪୩୮୪୮୫୦୯୪

# ପତି ପରମେଶ୍ୱର

ପଙ୍କଜ କୁମାର ପାଣିଗ୍ରାହୀ

ଚତୁରଙ୍କ ବିଶ୍ଳେଷଣ, ଦାର୍ଶନିକ ମର୍ମ ମଧ୍ୟରେ ପାଥର୍କ୍ୟ କ'ଣ ?

ଇଂରେଜ ଶାସନ କାଳରେ ଭାରତୀୟ ଦର୍ଶନ / ଧର୍ମ ଶାସ୍ତ୍ର ଗୁଡିକୁ ଯେତିକି ବିକୃତ କରାଯାଇଥିଲା ତା' ବିଷୟରେ ସାଧାରଣ ଲୋକଙ୍କ ଜ୍ଞାନ କେତେ ରହିଥିବ ଅଜ୍ଞାତ । ପରବର୍ତୀ ସମୟରେ (ଅଜ୍ଞାନ) ଚତୁର ଆମ ବିଶେଷ ଦାର୍ଶନିକ ତତ୍ୱ ଗୁଡିକୁ ଯେଉଁଭଳି ବିଶ୍ଳେଷଣ କରି ବ୍ୟବହାର କରିବାକୁ ଲାଗିଲେ ତା' ଉପରେ ମଧ୍ୟ ସାଧାରଣ ନିର୍ବୋଧଙ୍କ ଅବଧାରଣା କ'ଣ ରହିଥିବ ଦେଖିବା କଥା । ବର୍ତ୍ତମାନର ବିଶ୍ୱସ୍ତରୀୟ ଶାସ୍ତ୍ରଜ୍ଞଙ୍କ ବିଶ୍ଳେଷିତ ପ୍ରବଚନ ନା ପ୍ରବଂଚନା- ବୁଝି ଗ୍ରହଣ କରାଯିବା ଆବଶ୍ୟକତାକୁ ଅନୁଭବ କରୁଛନ୍ତି କେତେ ଜଣ ?! ସମୀକ୍ଷା କରିବା ଶୀର୍ଷକଟିର ପ୍ରକୃତ ଭାବାର୍ଥ କ'ଣ ?

ପୂର୍ବ ସମୟରେ ଭାରତୀୟ ମହିଳାଙ୍କ ଜୀବନ ଶୈଳୀ ଓ ସାମାଜିକ ସ୍ଥିତି ଉପରେ ଆଲୋଚନା କରିବା ନାହିଁ ଯାହା ସମସ୍ତଙ୍କୁ ଜଣାଅଛି । ପୂର୍ବ ଭାରତୀୟ ଦାର୍ଶନିକ ମତବାଦରେ ମହିଳାଙ୍କୁ ଦେବୀ ଭଳି ମାନ୍ୟତା ରହିଥିବା ପଛରେ ଅନେକ ରହସ୍ୟ ରହିଛି । ନୂତନ ପିଢ଼ିର ଜନ୍ମଦାତ୍ରୀ ହୋଇଥିବା କାରଣରୁ ସେମାନଙ୍କୁ ସମାଜ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରୁଥିଲା । ସେହି କାରଣରୁ ଅତ୍ୟନ୍ତ ସୁକୁମାର ସ୍ତରରେ ରଖାଯିବା ଗ୍ରହଣୀୟତା ଦୃଷ୍ଟିକୋଣରୁ ସେମାନଙ୍କୁ ଘର ଭିତରେ ସଂପତ୍ତି ଭଳି ସାଇତି ରଖିବା ଉଦ୍ଦେଶ୍ୟ ରହିଥିଲା, ସମାଜରେ । ସଂପତ୍ତିକୁ ଲୁଚାଇ ରଖିବା ଭଳି ସେମାନଙ୍କୁ ମଧ୍ୟ ଲୁଚାଇ ରଖୁଥିଲେ ସମସ୍ତେ । ଜୀବନ ସାରା ଗୋଟିଏ ଘର ଭିତରେ ରହି ଉନ୍ମୁକ୍ତ ଚେତନା କ୍ଷୀଣ ହେବା ସହିତ ଦୂରଦୃଷ୍ଟି ବାଧିତ ହେବା ସ୍ୱାଭାବିକ କଥା ।

ପ୍ରାକୃତିକ ଜିନଗତ ପ୍ରଭାବ କାରଣରୁ ମହିଳା ମାନେ ଭୟାଳୁ ଏବଂ ତଦ୍ଜନିତ ଲୌକିକ ଆଚରଣ କରିଥା'ନ୍ତି । ସେମାନଙ୍କ ମନରେ ଥିଲେ ମଧ୍ୟ ମୁଖରେ ପ୍ରଖରତା ପୁରୁଷଙ୍କ ତୁଳନାରେ କମ । ସେହି କ୍ରମରେ ସେମାନଙ୍କ ଭାବପ୍ରବଣତା, ଦୟା, କ୍ଷମା, ପ୍ରେମ, ଉପକାରିତା, କରୁଣା ଓ ସ୍ନେହ ଭଳି ଅନେକ ମାନବୀୟ ଚରିତ୍ର ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ । ପୁରୁଷ ମାନେ କଠିନ ପରିଶ୍ରମ କରୁଥିଲେ । ତା'ର ପ୍ରଭାବ ଜନିତ ସେମାନଙ୍କ କଠୋରତା ସ୍ୱଭା? ବୃଦ୍ଧି ପାଉଥିଲା ! ଆଜି କାଲି ପୁରୁଷ ମାନେ ପୂର୍ବ ଭଳି କଠିନ ପରିଶ୍ରମ କରୁନଥିବାରୁ ସେମାନଙ୍କ ବଚନ ନମନୀୟ ହେବା ସ୍ୱାଭାବିକ, ଯାହା ସମସ୍ତେ ଅନୁଭବ କରୁଥିବେ !

ସୀମିତ ପରିସର ମଧ୍ୟରେ ସାରା ଜୀବନ ବିତିଲେ ମାନସିକ ସ୍ଥିତି ବିକ୍ଷିପ୍ତ ହେବା ସାଧାରଣ କଥା । ତା'ର ପ୍ରଭାବ କାରଣରୁ ଉନ୍ମୁକ୍ତ ଚେତନାର ଅଭାବ ଜନିତ-- କ୍ଷୀଣବୁଦ୍ଧି, ଆକ୍ରୋଶ, ଭୟ, କ୍ରୋଧ, ମାନସିକ ଅସ୍ଥିରତା, ଦୁଃଖ, ଅଲୌକିକ ବିଚାର ଭଳି ଅନେକ ଶୈତାନି ବିଚାର ସୃଷ୍ଟି ହେବା ପ୍ରକୃତି ବିଜ୍ଞାନ ସମ୍ମତ । ପୁରୁଷଙ୍କ କଠୋରତା ସମ୍ମୁଖରେ ମହିଳାଙ୍କ ଶୈତାନି ସ୍ୱଭା ? ଆଚରଣ ଉତ୍ପନ୍ନ ହେଲେ ପାରିବାରିକ ଅଶାନ୍ତି ସୃଷ୍ଟି ହେବ ବୋଲି ବିଚାର ରହିଥିଲା । ମହିଳାଙ୍କ କ୍ଷୀଣ ବୁଦ୍ଧି କାରଣରୁ ପୁରୁଷଙ୍କୁ ସବୁ କଥାରେ ମାନି ଚଳିଲେ ପରିବାର ଭଲରେ ଚାଲିବ ବୋଲି ବିଚାର ରହିଥିଲା ! ସେହି କାରଣରୁ ମହିଳାଙ୍କୁ ଏକ ପ୍ରକାର ଆବେଗପୂର୍ଣ୍ଣ (ଇମୋସନାଲ) ଦମନ କରି ରଖିବା ଲକ୍ଷ ରଖାଯାଇ ଥିଲା । ଏହା ନୁହେଁ କି କୌଣସି ଅମାନବୀୟ ଦୃଷ୍ଟି କୋଣରେ ସମାଜରେ ଘୃଣା କରାଯାଉଥିଲା । ଲଗାତାର ଘରେ ରହିବା ଦ୍ୱାରା ମାନସିକ ଦୁଃସ୍ୱଭାବର ପରିଣତି ବିଷୟରେ ବୁଝିବା ଜ୍ଞାନ ନଥାଇ, ଓଲଟା ସେମାନଙ୍କ ସମ୍ମାନ ଜନିତ ଏସବୁ କରାଯାଉଥିବା ବୁଝିଥିଲେ ସେତେବେଳର ଲୋକେ !

ଆବେଗପୂର୍ଣ୍ଣ ଦମନର ମୁଖ୍ୟ ସ୍ରୋତ ଭାବେ ପତିଙ୍କୁ ପରମେଶ୍ୱର, ଶାଶୁ, ଶଶୁରଙ୍କୁ ଭଗବାନ ଭଳି ସେବା କରିବା ମାନବ ଧର୍ମ ବୋଲି କୁହାଯାଇ ଥିଲା । ନହେଲେ ସେମାନେ ର୍ନକଗାମୀ ହେବେ ବୋଲି ପ୍ରେରଣା ଦିଆଯାଇ ଥିଲା । ପୁରୁଷ ଅପେକ୍ଷା ନାରୀ ଜନ୍ମର ଦୁଲଭର୍ତାକୁ ସେମାନେ ଅନୁଭବ କରିବାରେ ଅସମର୍ଥ ହେଉଥିଲେ । ପଞ୍ଜୁରୀ ଭିତର ପକ୍ଷୀ ଭଳି ରହି ନିଜ ଜୀବନ ପ୍ରତି ସେମାନଙ୍କ ମନରେ ଏକ ପ୍ରକାର ଘୃଣାଭାବ ସୃଷ୍ଟି ହେଉଥିଲା । ସମାଜରେ ପ୍ରଚଳିତ କେତେକ ମାନ୍ୟତା ପ୍ରଥାକୁ ସଂପାଦନ କରୁଥିଲେ । ସେହି ଆଧାରରେ ପର୍ବ ପର୍ବାଣିରେ ଘରେ କେତେକ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ଏତିକି ହିଁ ଥିଲା 'ପତି ପରମେଶ୍ୱର'ର ପ୍ରକୃତ ଦାର୍ଶନିକ ମହତ୍ୱ ।

ସମୟ ସ୍ରୋତରେ (ଅଜ୍ଞାନ) ଚତୁର ତାକୁ କଦର୍ଥ କରି ଯାହାସବୁ ବ୍ୟବସାୟ କେଲେ ସେଗୁଡିକ ଆଉ ବଖାଣିବା ଆବଶ୍ୟକ ନାହିଁ-- ସମସ୍ତେ ଜାଣିଛନ୍ତି, ଦେଖୁଛନ୍ତି । ସାବିତ୍ରୀ ବ୍ରତ ଠାରୁ ଆରମ୍ଭ କରି ସୋମନାଥ ବ୍ରତ ପର୍ଯ୍ୟନ୍ତ ଅସଂଖ୍ୟ ପୂଜା ପାଠ ଏବଂ ତା ମାଧ୍ୟମରେ ବ୍ୟାପକ ବ୍ୟବସାୟ । ଦାନ ଦକ୍ଷିଣା ପୂର୍ବକ ଆଶୀର୍ବାଦ । ମନ୍ଦିରକୁ ଯାଇ ପରଜନ୍ମର ସୁଗମ ଯାତ୍ରା ଟିକଟ ସଂରକ୍ଷଣ ଭଳି ଅନେକ ମାର୍ଗରେ ପରିଚାଳିତ କରି ଯାହା କରୁଛନ୍ତି ସେମାନେ, ନକହିବା ଭଲ । ମହିଳାଙ୍କ ସାଧାରଣ ଜ୍ଞାନ / ଦୁରଦୃଷ୍ଟି / ସୃଜନଶୀଳତାର କ୍ଷୀଣତା କାରଣରୁ ଅଲୌକିକ ସ୍ୱପ୍ନ ଦେଖାଇ ସେମାନଙ୍କୁ ଠକିବା ଅତ୍ୟନ୍ତ ସହଜ ହୋଇଥାଏ । ତେଣୁ ସେମାନଙ୍କୁ ଘରେ ବାହାରେ ସମସ୍ତେ ସହଜରେ ଅଳ୍ପରେ ସନ୍ତୁଷ୍ଟ କରିପାରନ୍ତି । ସହଜରେ ଠକି ମଧ୍ୟ ପାରନ୍ତି । ଆଜି ସମୟରେ ଧାର୍ମିକ ଚେତନାରେ ବେହାଲ ମହିଳାଙ୍କ ସଂଖ୍ୟା, ପୁରୁଷଙ୍କ ତୁଳନାରେ ଯଥେଷ୍ଟ ଅଧିକ । ମହିଳାଙ୍କ କାରଣରୁ ହିଁ ଧାର୍ମିକ ଅନୁଷ୍ଠାନ ଗୁଡିକ ସକ୍ରିୟ ରହିଛନ୍ତି । ଅନ୍ୟଥା ସେମାନଙ୍କ ପ୍ରାଧାନ୍ୟତା କମି ଯାଇଥା'ନ୍ତା ।

ଏହି ସନ୍ଦର୍ଭରେ ପୂର୍ବ ସମୟର 'ପତି ପରମେଶ୍ୱର'ର ଦାର୍ଶନିକ ମର୍ମ ଆଜି ବିପରୀତମୁଖୀ ଆଧ୍ୟାତ୍ମିକ ଝଡ଼ରେ ପରିଣତ । ବର୍ଷରେ ଦୁଇଥର କେବଳ ଲୋକଙ୍କୁ ଦେଖାଇବା ପାଇଁ ପର୍ବ ଭଳି ପାଳନ କରାଯାଉ ଅଛି । ଉପରେ କେହି ଜଣଙ୍କୁ ପରମେଶ୍ୱର କରି, ମନ୍ଦିର ଭିତରେ ତାଙ୍କରି ସାନିଧ୍ୟ ଖୋଜା ଚାଲିଛି ! ଏହି ମାନସିକତା କାରଣରୁ ଘରେ ଘରେ ପ୍ରତିଦିନ କଳହର ସୀମା ନାହିଁ ! ପରିବାର ମଧ୍ୟରେ ଅଶାନ୍ତିର ଝଡ଼ ଥମିବାକୁ ନାହିଁ ! ଛାଡ଼ପତ୍ର ମାମଲା ପାଇଁ କଚେରୀ ଧାଡିରେ ଜାଗା ନାହିଁ ! ପାରିବାରିକ ହିଂସା ଜନିତ ହତ୍ୟା ମାମଲାର ଅନ୍ତ ହେବାକୁ ନାହିଁ ! ପଛୁଆ ବର୍ଗଙ୍କ ସବର୍ଣ୍ଣଙ୍କ ଉପରେ ଦାଉ ସାଧିବା ଭଳି ମହିଳାଙ୍କ ଆବେଗପୂର୍ଣ୍ଣ ଦମନର ପ୍ରତିଶୋଧ ବହ୍ନି ଲିଭିବାକୁ ନାହିଁ ! ନିର୍ବୋଧ ସରଳ ଭାରତୀୟ ମହିଳାଙ୍କୁ ଏମିତି ସ୍ତରକୁ ଆଣି ପହଂଚାଇବା ପଛର ଲୋକଟିକୁ କେହି ଜାଣନ୍ତି ନାହିଁ ! ତା ପଛରେ ରହିଥିବା ଇଂରେଜ ଷଡ଼ଯନ୍ତ୍ର ଉପରେ କାହାର ଜ୍ଞାନ ନାହିଁ ! ବର୍ତମାନର ବିଦେଶୀ ଷଡ଼ଯନ୍ତ୍ର ଉପରେ କାହାର ନିଘା ନାହିଁ !

ପୂର୍ବ ଭାରତୀୟ ମହିଳା ଆଉ ର୍ବତମାନର ମହିଳାଙ୍କ ସ୍ଥିତିକୁ ଦେଖିଲେ କ'ଣ ଅନୁଭବ କରୁଛନ୍ତି ସମସ୍ତେ ବୁଝୁଥିବେ ନିଜେ ନିଜେ । ଏତେ ସୁନ୍ଦର ଆମ ସାମାଜିକ ପରିବେଶରେ ଅଗ୍ନି ସଂଯୋଗ କଲା କିଏ-- ତାକୁ ବୁଝିବାର ସାହସ, କ୍ଷମତା, ଆଗ୍ରହ କାହାର ନାହିଁ । ପୂର୍ବ ଭଳି ବିବାହ ବନ୍ଧନର ସୂତ୍ର ଆଉ ଖୋଜାଯାଉ ନାହିଁ । ରେଜିଷ୍ଟ୍ରୀ ବିବାହ କରି ଜୋଇଁ ଛାଡିଦେଲେ, ପୂର୍ବ ଭଳି ଝିଅର ଆଉ ଭବିଷ୍ୟତ ଅନ୍ଧକାର ହେବା ଭୟ ମଧ୍ୟ ନାହିଁ । ବର, କନ୍ୟାଙ୍କ ପରିବାର ମଧ୍ୟରେ ସଂପତ୍ତି ଦେଖି ସମ୍ବନ୍ଧ କରୁଛନ୍ତି, ଅଳ୍ପଦିନ ମଧ୍ୟରେ ବିପତ୍ତିକୁ ଡାକି ଘରକୁ ଆଣୁଛନ୍ତି । କାହାର ପୁଅ ଯାଇ ଘରଜୋଇଁ ତ କାହାର ଝିଅ ଆସି ବାପ ଘରେ ରହୁଛି । ପ୍ରେମଟା ଖାଲି ଟଙ୍କାରେ ରହୁଛି ! ଟଙ୍କା ଦେଇ ପରମେଶ୍ୱରଙ୍କୁ କିଣାଯାଉଛି ! ପ୍ରାଚୀନ ସଭ୍ୟତାରୁ ପାଶ୍ଚାତ୍ୟ ସଭ୍ୟତାକୁ ଡେଇଁ ଦେଶ ମୋର ବିକାଶ କରୁଛି !

କାହାକୁ କହିବା, କପାଳରେ ଖାଲି କର ମାରିବା ! ଖୁବ କମ ଦିନ ମଧ୍ୟରେ ପାଶ୍ଚାତ୍ୟ ଭଳି ପାରିବାରିକ ଜୀବନ ବିତାଇବା ପାଇଁ ପ୍ରସ୍ତୁତ ରହିବାକୁ ଆମ ପର ପିଢିଙ୍କୁ ପ୍ରେରଣା ଦେଇ ଯିବା ।

ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ),
ଛତ୍ରପୁର, ଗଂଜାମ - ୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.

# ଭାରତୀୟ ମୁକ୍ତି ସଂଗ୍ରାମ

ଅକ୍ଷୟ କୁମାର ରାଉତ

ପୂଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ ,ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଈ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଈଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଈ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ। ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେଓ୍ୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ଓ୍ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଈଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ। ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ। ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। (କ୍ରମଶଃ)

ପ୍ରତିଶବ୍ଦ TV



### ଏସଆଇଆର ଜାଲିଆତିକୁ ନେଇ ମୋହନ ମାଝୀଙ୍କ ସଫେଇକୁ ଓପିସିସି ସଭାପତି ଭକ୍ତ ଦାସଙ୍କ ପ୍ରତ୍ୟାଖ୍ୟାନ

# ବିଜେପିର 'ଭୋଟ୍ ଚୋରି'କୁ ବ୍ୟବସ୍ଥିତ କରୁଛନ୍ତି ସିଇସି ଜ୍ଞାନେଶ କୁମାର



ଭୁବନେଶ୍ୱର,୧୩/୧୦::ଭୋଟର ତାଲିକାର ବିବାଦୀୟ 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସଆଇଆର)କୁ ସମର୍ଥନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ବୟାନର ଦୃଢ଼ ଜବାବ ଦେଇଛନ୍ତି ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଶ୍ରୀ ଭକ୍ତ ଚରଣ ଦାସ। କଂଗ୍ରେସ ନେତୃତ୍ୱରେ ୧୨ ତାରିଖ ସୋମବାର ଦିଲ୍ଲୀରେ ହୋଇଥିବା ଇଣ୍ଡିଆ ମେଣ୍ଟର ବିକ୍ଷୋଭସ୍ଥଳରୁ ଏକ ପ୍ରେସ ବିବୃତିରେ ଓପିସିସି ସଭାପତି କହିଛନ୍ତି ଯେ, ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତ କରାଯାଇଥିବା ଭୋଟର ତାଲିକାର ଏହି ହେରଫେରକୁ ବୈଧ ବୋଲି ଦର୍ଶାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଶାସକ ବିଜେପିର ଗଭୀର ଭୟ ଏବଂ ଗଣତାନ୍ତ୍ରିକ ଭାବେ ତିଷ୍ଠି ରହିବା ପାଇଁ ପ୍ରଶାସନିକ ଅପବ୍ୟବହାର ଉପରେ ସେମାନଙ୍କର ନିର୍ଭରଶୀଳତାକୁ ସ୍ପଷ୍ଟ କରୁଛି। ଆଜି ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତିରକ୍ଷାତ୍ମକ ବକ୍ତବ୍ୟର କଡ଼ା ଜବାବ ଦେଇ ଓପିସିସି ସଭାପତି କଂଗ୍ରେସ ଦଳ ଏବଂ ସମଗ୍ର 'ଇଣ୍ଡିଆ' (ଓଘଡଓଇ) ମେଣ୍ଟ ପକ୍ଷରୁ ଏହାର ଖଣ୍ଡନ କରି କହିଛନ୍ତି ।

'ନିୟମିତ ପ୍ରଶାସନିକ ଶୁଦ୍ଧୀକରଣ' ଦାବି ହାସ୍ୟାସ୍ପଦ; ଏହା ଏକ ଯୋଜନାବଦ୍ଧ 'ଭୋଟ୍ ଚୋରି'

ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ଯେ ଏସଆଇଆର ହେଉଛି ଭୋଟର ତାଲିକା ସଂଶୋଧନ ପାଇଁ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା। ଶ୍ରୀ ଭକ୍ତ ଚରଣ ଦାସ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କହିଛନ୍ତି: ''ଲକ୍ଷ ଲକ୍ଷ ଯାଞ୍ଚ ହୋଇଥିବା ନାଗରିକଙ୍କୁ ଭୋଟର ତାଲିକାରୁ ବାଦ୍ ଦେଉଥିବା ଏଭଳି ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ ନିୟମିତ ଭଳି କିଛି ବି ନାହିଁ। ଏହା ଏକ ଯୋଜନାବଦ୍ଧ 'ଭୋଟ୍ ଚୋରି'। ପାରମ୍ପରିକ ବିରୋଧୀ ଗଡ଼ଗୁଡ଼ିକୁ ସଫା କରିବା ଏବଂ ନକଲି ଭୋଟରଙ୍କ ଦ୍ୱାରା ତାଲିକା ଭର୍ତ୍ତି କରିବା ପାଇଁ ଏସଆଇଆରକୁ ଏକ ପ୍ରଶାସନିକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି।'

ସିଇସି ଜ୍ଞାନେଶ କୁମାରଙ୍କ ସ୍ୱଚ୍ଛତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଫେଇ ନିନ୍ଦନୀୟ:

ନିର୍ବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ସମର୍ଥନ କରିବା ପ୍ରସଙ୍ଗରେ ଓପିସିସି ସଭାପତି ଆଜି ନୂଆଦିଲ୍ଲୀରେ ଲୋକସଭା ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା ଐତିହାସିକ ଜାତୀୟ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଛନ୍ତି। 'ଯେତେବେଳେ ଶ୍ରୀ ରାହୁଲ ଗାନ୍ଧୀ ଏବଂ 'ଇଣ୍ଡିଆ' ମେଣ୍ଟର ନେତୃତ୍ୱରେ ସମଗ୍ର ଦେଶ ସିଇସି ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର ଓ ଗିରଫ ଦାବିରେ ସୁପ୍ରିମକୋର୍ଟ ଅଭିମୁଖେ ମାର୍ଚ୍ଚ କରୁଛି, ସେତେବେଳେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ଦ୍ୱାରା ଏହି ସାଲିସପୂର୍ଣ୍ଣ ନିର୍ବାଚନ ପ୍ୟାନେଲକୁ ସମର୍ଥନ କରିବା ହାସ୍ୟାସ୍ପଦ ଅଟେ। ସିଇସି ଏକ ସାମ୍ବିଧାନିକ ଅନୁଷ୍ଠାନକୁ ଶାସକ ଦଳର ଏକ ଶାଖା ସଂସ୍ଥାରେ ପରିଣତ କରିଛନ୍ତି। ଆମେ ସାଂସ୍ଥାନିକ ଜାଲିଆତି ପାଇଁ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରୁଛୁ।'

ନିର୍ବାଚନୀ ପ୍ରକ୍ରିୟାରେ 'ସ୍ୱଚ୍ଛତା ଏବଂ ଡିଜିଟାଲ ସୁରକ୍ଷା' ଥିବା କହିବା ହାସ୍ୟାସ୍ପଦ:

ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ଯେ ସାମ୍ପ୍ରତିକ ନିର୍ବାଚନ ସଂଶୋଧନ ଏବଂ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ)କୁ ପରିଚାଳନା କରୁଥିବା ଡିଜିଟାଲ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱଚ୍ଛ। ଶ୍ରୀ ଭକ୍ତ ଚରଣ ଦାସ ଏହାର ଜବାବରେ କହିଛନ୍ତି: 'ଚୋର ମୁହଁ ଟାଣ ପରି କିଛି ଲୋକ ଡିଜିଟାଲ ସୁରକ୍ଷା କଥା କହୁଛନ୍ତି। ଏହା କିନ୍ତୁ ଏକ ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ। ମନଇଚ୍ଛା ପରିଚାଳିତ ଇଭିଏମ୍ ଠାରୁ ଆରମ୍ଭ କରି ଏସଆଇଆର ମାଧ୍ୟମରେ ନିର୍ଦ୍ଦିଷ୍ଟ ବର୍ଗକୁ ଭୋଟର ତାଲିକାରୁ ନାମ କାଟିବା ପର୍ଯ୍ୟନ୍ତ ଚୋରି କାମରେ ସିଇସି ଲିପ୍ତ। ଜନସାଧାରଣଙ୍କ ପ୍ରକୃତ ଜନମତକୁ ଏଡ଼ାଇବା ପାଇଁ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର କରାଯାଉଛି। ଯଦି ବିଜେପି ନିଜର ଶାସନ ଏବଂ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଏତେ ଆତ୍ମବିଶ୍ୱାସୀ, ତେବେ ମୁଖ୍ୟମନ୍ତ୍ରୀ ବାଲଟ୍ ପେପରକୁ ଫେରିବାକୁ କାହିଁକି ଡରୁଛନ୍ତି ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ନିକଟରେ ହୋଇଥିବା ସମସ୍ତ ବେଆଇନ ନିର୍ବାଚନକୁ ତୁରନ୍ତ ବାତିଲ କରିବା ଏବଂ ବାଲଟ୍ ପେପର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଫେରାଇ ଆଣିବାକୁ କଂଗ୍ରେସ ଦାବି କରୁଛି।'

ଦିଲ୍ଲୀ ଏବଂ ଓଡ଼ିଶାରେ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ନିନ୍ଦନୀୟ

ଦେଶବ୍ୟାପୀ ଚାଲିଥିବା ବିରୋଧ ପ୍ରଦର୍ଶନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଦର୍ଶାଇବାକୁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଥିବା ବେଳେ, ଭକ୍ତ ସରକାରୀ ଶକ୍ତିର ଏଭଳି ସ୍ୱେଚ୍ଛାଚାରୀ ବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି। 'ଆଜି କେନ୍ଦ୍ରୀୟ ଦିଲ୍ଲୀକୁ ଏକ ଦୁର୍ଗରେ ପରିଣତ କରାଯାଇଥିଲା। ସୁପ୍ରିମକୋର୍ଟ ଅଭିମୁଖେ ହେବାକୁ ଥିବା ଏକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ମାର୍ଚ୍ଚକୁ ଅଟକାଇବା ପାଇଁ ମେଟ୍ରୋ ଷ୍ଟେସନଗୁଡ଼ିକୁ ବନ୍ଦ କରିଦିଆଗଲା ଏବଂ ୩୫,୦୦୦ ରୁ ଅଧିକ ସୁରକ୍ଷା କର୍ମୀ ମୁତୟନ କରାଗଲା। ଛାତ୍ର, ଯୁବକ ଏବଂ ମହିଳା ଆନ୍ଦୋଳନକାରୀଙ୍କ ଉପରେ ହୋଇଥିବା ଏହି ପୋଲିସ ବର୍ବରତାକୁ ମୁଖ୍ୟମନ୍ତ୍ରୀଙ୍କ ନୀରବ ସମର୍ଥନ ପ୍ରମାଣ କରୁଛି ଯେ ବିଜେପି ଆଉ ବାରିକେଡ୍ ଏବଂ ନିଷେଧାଦେଶ ପଛରେ ନଲୁଚି ଜନସାଧାରଣଙ୍କ ସାମ୍ନା କରିପାରିବ ନାହିଁ।'

ଓଡ଼ିଶା ପାଇଁ ଆହ୍ୱାନ:

ଶ୍ରୀ ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି ଯେ, ଶ୍ରୀ ରାହୁଲ ଗାନ୍ଧୀଙ୍କ ଐତିହାସିକ ସାମ୍ବାଦିକ ସମ୍ମିଳନୀ ଏବଂ ସୁପ୍ରିମକୋର୍ଟ ମାର୍ଚ୍ଚ ଦ୍ୱାରା ସୃଷ୍ଟି ହୋଇଥିବା ଜାତୀୟ ଆନ୍ଦୋଳନର ପ୍ରଭାବକୁ ଓପିସିସି ଓଡ଼ିଶାର ପ୍ରତିଟି ଜିଲ୍ଲାରେ ଜୋରଦାର ଭାବେ ଆଗକୁ ବଢ଼ାଇବ।

'ମୋହନ ମାଝୀ ସରକାର ଯେତେବେଳେ ଆମ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇବା ପାଇଁ କେନ୍ଦ୍ରର ରବର ଷ୍ଟାମ୍ପ ଭାବେ କାର୍ଯ୍ୟ କରୁଛନ୍ତି, ସେତେବେଳେ ଆମେ ଚୁପ୍ ହୋଇ ବସିବୁ ନାହିଁ। ଓପିସିସି ପକ୍ଷରୁ ସମଗ୍ର ରାଜ୍ୟରେ ଏସଆଇଆରର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଓ ବାତିଲ, ନିକଟରେ ପ୍ରକାଶିତ ସମସ୍ତ ଭୋଟର ତାଲିକାର ବ୍ୟାପକ ଅଡିଟ୍ ଏବଂ ବର୍ତ୍ତମାନର ସିଇସିଙ୍କ ଅଧୀନରେ ହୋଇଥିବା ନିର୍ବାଚନ ଜାଲିଆତିର ଉତ୍ତରଦାୟିତ୍ୱ ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରାଯିବ। ସମ୍ବିଧାନ ସୁରକ୍ଷା ପାଇଁ ଲଢେଇ ଏବେ ଓଡ଼ିଶାର ରାଜପଥରେ ପହଞ୍ଚିଛି ଏବଂ ଗଣତନ୍ତ୍ରର ପୁନରୁଦ୍ଧାର ନହେବା ପର୍ଯ୍ୟନ୍ତ ଆମେ ଏହି ଲଢେଇ ଜାରି ରଖିବୁ' ବୋଲି ଶ୍ରୀ ଭକ୍ତ ଚରଣ ଦାସ ଉକ୍ତ ପ୍ରେସ୍ ବିବୃତିରେ କହିଛନ୍ତି।

ଏମଏମଡିଆର ସଂଶୋଧିତ ଅଧିନିୟମ ପ୍ରତ୍ୟାହାର ଦାବି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଓ ବନ୍ୟାବିପନ୍ନଙ୍କୁ ତୁରନ୍ତ ସୁରକ୍ଷା ଦାବିରେ ପୂର୍ବରୁ ପିସିସି ଓ ଓଡ଼ିଶାର ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନକୁ ମଧ୍ୟ ଆହୁରି ତୀବ୍ରତର କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ସୁରଭି ୨୦୨୬ ଆୟୋଜିତ



ଆଠମଲ୍ଲିକ ୧୩/୧୦(ପ୍ରତିଶବ୍ଦ ନ୍ୟୁଜ )-: ସ୍ଥାନୀୟ ପି ଏମ ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରଥମ ପର୍ଯ୍ୟାୟ ରେ ଉଦଘାଟନ ଉତ୍ସବ ରେ ବ୍ଲକ ଶିକ୍ଷା ଅଧିକାରୀ ସୁନିଲ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଏସ ଡ଼ି ପି ଓ ସୁଶାନ୍ତ ତାଉଡ଼ିଆ, ମୁଖ୍ୟବକ୍ତା ଭାବରେ ଆଠମଲ୍ଲିକ କଲେଜ ଅଧକ୍ଷ ଡ଼ଃ ପୁରୁଷୋତ୍ତମ ମିଶ୍ର, ସମ୍ମାନିତ ଅତିଥି ଭାବରେ ସାଂସଦ ଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଏ ବି ଇ ଓ କୈବଲ୍ୟ କଅଁର, ପ୍ରମୁଖ ଯୋଗ ଦେଇ ସକରାତ୍ମକ ଦିଗରେ ଶିଶୁ ଙ୍କୁ ଶିକ୍ଷା ଦେଲେ ସେ ଭବିଷ୍ୟତ ରେ ସମସ୍ତ ପ୍ରତିଯୋଗିତା ରେ ସଫଳତା ପାଇଥାଏ ବୋଲି ବକ୍ତବ୍ୟ ରଖିଥିଲେ କ୍ଷ ଦ୍ୱିତୀୟ ପର୍ଯ୍ୟାୟ ତଥା ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ବିଶ୍ୱଜ୍ୟୋତି ମହାନ୍ତି, ସମ୍ମାନିତ ଅତିଥି ଭାବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଚିଦାନନ୍ଦ ସେଠୀ, ଏ ବି ଇ ଓ କୈବଲ୍ୟ କଅଁର, ଏ ବି ଇ ଓ ଧରଣୀଧର ସେଠୀ, ପ୍ରମୁଖ ଯୋଗ ଦେଇ ସମସ୍ତ ପ୍ରତିଯୋଗିତା ର ସଫଳ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ପ୍ରତିଯୋଗିତା ର ସମସ୍ତ ପ୍ରତିଯୋଗୀ ଙ୍କୁ ଉତ୍ସାହିତ କରିଥିଲେ କ୍ଷ ଏହି ଉପଲକ୍ଷେ ବିତର୍କ, କୁଇଜ, ବକ୍ତୃତା, ପି ଏମ ପୋଷଣ, ସି ଏମ ପୋଷଣ, ଶିଳ୍ପ କଳା, ଚିତ୍ର କଳା, ଗଳ୍ପ କଥନ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସଙ୍ଗୀତ,ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷ ଶିକ୍ଷକ ସତ୍ୟରଞ୍ଜନ ଜେନା, ଶିକ୍ଷକ ପ୍ରଦୀପ କୁମାର ବାହୁକ, ମଞ୍ଚ ପରିଚାଳନା କରିଥିଲେ କ୍ଷ ସି ଆର ସି ସି ଭୁବନେଶ୍ୱର ସ୍ୱାଇଁ,ସୁମନ୍ତ ମେହେର, ଶିବ ନାରାୟଣ ବୁଡାଇକ, ସୁଜିତ ବେହେରା, ନୃସିଂହ ଚରଣ ନାୟକ, ରଞ୍ଜନ କୁମାର ନାୟକ, ପୁପେନ ଦେହୁରୀ , ପ୍ରଶାନ୍ତ ପ୍ରଧାନ, ସଞ୍ଜୟ ପ୍ରଧାନ, ଶିକ୍ଷକ ଧବଳେଶ୍ୱର ଦେହୁରୀ, ପ୍ରଦୀପ ସେଠୀ, ସଦାଶିବ ଦଳବେହେରା, ଶିକ୍ଷୟତ୍ରୀ ସରିତା ବେହେରା,ତିଳତ୍ତମା ସାହୁ, ଜ୍ୟୋସ୍ନାରାଣୀ ତରିଆ ଙ୍କ ସମେତ ସି ଆର ସି ସି ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

### ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଶିକ୍ଷଣ

# ଚାରୋଟି ଟ୍ରେଡ୍‌ର ବ୍ୟବହାରିକ ଦକ୍ଷତା ତାଲିମ୍ ପ୍ରଦାନ



ଭୁବନେଶ୍ୱର ୧୩/୧୦: ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ଅଧ୍ୟାପକମାନଙ୍କ ପାଇଁ ପାଞ୍ଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଞ୍ଝଞ୍ଝଉ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଓଐଗ)ଠାରେ ଆରମ୍ଭ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଛି । ଏହି ପ୍ରଶିକ୍ଷଣରେ ଏଭିଟି (Audio-visual training), ଡିପି (Drone Pilot), କ୍ୟାଟେରିଂ, ରେସ୍ତୋରାଁ ପରିଚାଳନା ଟ୍ରେଡ୍ ର ୧୭୦ ରୁ ଅଧିକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି । ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଅକ୍ଟୋବର ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ । ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ, ସିଟିଟିସି ସିନିୟର ମ୍ୟାନେଜର୍ (ଟ୍ରେନିଂ) କେ.ଏମ୍ ରାଜନ୍, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଣ୍ଟ ଶ୍ରୀମତୀ ସ୍ମିତାରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ସିଟିଟିସି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀମତୀ ବିନିତା ସେନାପତି ଧନ୍ଦାମୂଳକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ଧନ୍ଦାମୂଳକ ଶିକ୍ଷା ଦ୍ୱାରା କେହି ବେକାରୀ ସମସ୍ୟାର ସମ୍ମୁଖିନ ହେବେ ନାହିଁ । ଏଥିସହ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ବ୍ୟବହାରିକ ଦକ୍ଷତା ବୃଦ୍ଧି ପାଇଥିବା ଓ କୌଣସି ବି ଗୋଟିଏ ଟ୍ରେଡ୍ ରେ ସେମାନେ ଦକ୍ଷ ହୋଇପାରିବେ ବୋଲି ସେ ମତ ବ୍ୟକ୍ତ କରିଛନ୍ତି । ଏଥିସହ ଏହିଭଳି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନ ଏବଂ ନିଯୁକ୍ତିଯୋଗ୍ୟ ଦକ୍ଷତା ଉଭୟ ହାସଲ କରିବାରେ ସହାୟତା କରିବ ବୋଲି ସେ କହିଛନ୍ତି ।

ସେହିପରି ଶ୍ରୀ ଜିତେନ୍ଦ୍ର ନାୟକ ଉଚ୍ଚମାନର ବ୍ୟବହାରିକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ସିଟିଟିସି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ଭଳି ପ୍ରମୁଖ ପ୍ରତିଷ୍ଠାନର ସହଯୋଗକୁ ପ୍ରଶଂସା କରିବା ସହ ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ଏଥିସହ ତାଲିମ୍ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କ ଯୋଗଦାନକୁ ଗୁରୁତ୍ୱ ଦେଇଛନ୍ତି । ସିଟିଟିସିର ସିନିୟର୍ ମ୍ୟାନେଜର (ଟ୍ରେନିଂ) ଶ୍ରୀ କେ.ଏମ୍. ରାଜନ, ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ ଏବଂ ଏକ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବାର ରାଜ୍ୟର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ସିଟିଟିସି ସହଯୋଗ କରିବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ ।

ସେହିପରି ଆଜି ଇନଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟଠାରେ ମଧ୍ୟ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଇନଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ପୂର୍ବାଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ପ୍ରଣବ ପ୍ରକାଶ, ଅଧକ୍ଷ ଶ୍ରୀମତୀ ଶାରଦା ଘୋଷ୍, ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଣ୍ଟ ଶ୍ରୀମତୀ ସ୍ମିତାରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ସିଟିଟିସ ପ୍ରଶିକ୍ଷଣରେ ନଅଟି ଜିଲ୍ଲା- ଅନୁଗୋଳ, ଦେବଗଡ, ଯାଜପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦ୍ରାପଡା, ପୁରୀ ଜିଲ୍ଲାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି । ସେହିପରି ଓଐଗ ଠାରେ ଭଦ୍ରକ, କୋରାପୁଟ, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି ।

# ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ : ସାରା ରାଜ୍ୟରେ ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ଭୁବନେଶ୍ୱର,୧୩/୧୦:ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁନିଟ୍-୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଂଶଗ୍ରହଣ ଓ ସହଭାଗିତାକୁ ପ୍ରଶଂସା କରିଛନ୍ତି ।

ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ଶ୍ରୀ ବାବୁ ସିଂ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ୱାର୍ଡ ନଂ ୪୦ ର କର୍ପୋରେଟର୍ ଆସିୟା ବେଗମ୍, ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡଃ ଏନ୍.ତିରୁମାଲା ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦୁର୍ଗା ପ୍ରସାଦ ମହାପାତ୍ର, ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସଙ୍ଗୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ସେବା ସଂକଳ୍ପ ଅଭିଯାନରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ରାଜ୍ୟ ସରକାର । ସ୍ୱଚ୍ଛତା, ସେବା ଓ ସଂକଳ୍ପକୁ ପାଥେୟ କରି ରାଜ୍ୟରେ ବିଭିନ୍ନ କାର୍ଯ୍ୟ କରାଯାଉଛି । ଏହିକ୍ରମରେ ୪୮ ହଜାରରୁ ଅଧିକ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅବସରରେ "ମୋ ସ୍ୱପ୍ନର ଭାରତ" ବିଷୟବସ୍ତୁକୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ଏଥିରେ ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ । ଛାତ୍ରଛାତ୍ରୀମାନେ ତୂଳୀ, କାଗଜ ମାଧ୍ୟମରେ ନିଜ ନିଜ ସ୍ୱପ୍ନର ଭାରତକୁ ଆଙ୍କିଥିଲେ । ବିକଶିତ ଭାରତ ଗଠନରେ ନିଜର ପରିକଳ୍ପନାକୁ ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଜୀବନ୍ତ କରିପାରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମତ ବ୍ୟକ୍ତ କରିଛନ୍ତି । ସେହିପରି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି, ପୂର୍ବସୂରୀମାନଙ୍କ ନୀତି ଓ ଆଦର୍ଶକୁ ବିକଶିତ ଓଡ଼ିଶା ଗଠନରେ ବ୍ୟବହାର କରିବାର ଆବଶ୍ୟକତା ରହିଛି । ଛାତ୍ରଛାତ୍ରୀଙ୍କ ଅବଦାନରେ ପ୍ରତି କ୍ଷେତ୍ରରେ ରାଜ୍ୟ ବିକାଶ ଲାଭ କରିବ ଓ ଦେଶର ସର୍ବୋତ୍ତମ ରାଜ୍ୟ ଭିତରେ ଓଡ଼ିଶା ରହିବ ବୋଲି ସେ ମତପ୍ରକାଶ କରିଛନ୍ତି । ସେହିପରି ବିଧାୟକ ଶ୍ରୀ ଅନନ୍ତ ଜେନା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭାଗର ପ୍ରୟାସକୁ ପ୍ରଶଂସା କରିଛନ୍ତି ।

ଏହି ଅବସରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ରଖିବା ସହ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ବିଭାଗର ସଫଳତାକୁ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ରାଜ୍ୟର ୩୦ ଗୋଟି ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ମୋଟ୍ ୧୨ ଲକ୍ଷ ୫୦ ହଜାର ଛାତ୍ରଛାତ୍ରୀ, ଅଭିଭାବକ, ସମୁଦାୟ, ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ସେବା ସଂକଳ୍ପ ଅଭିଯାନକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ, ପରେ ପରେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିସହ ଛାତ୍ରଛାତ୍ରୀମାନଙ୍କ ଚିତ୍ରାଙ୍କନକୁ ନେଇ ପ୍ରଦର୍ଶନୀ ମଧ୍ୟ ଆୟୋଜିତ କରାଯାଇଥିବା ନେଇ ବିଭାଗୀୟ ସଚିବ ସୂଚନା ଦେଇଛନ୍ତି । ଏଥିସହ ରାଜ୍ୟସ୍ତରର ପ୍ରତିଯୋଗିତାରେ ଆଜି ୧୮୦ ଜଣ କୃତି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ତିନୋଟି ବିଭାଗରେ ଉଭୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ଶ୍ରେଷ୍ଠ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଛି ।

# ବଗଡ଼ା ଗ୍ରାମ ପଞ୍ଚାୟତରେ ଏକ ଘରୋଇ କମ୍ପାନୀକୁ ନେଇ ବିବାଦ



କେନ୍ଦ୍ରାପଡ଼ା ,୧୩/୧୦: କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ବଗଡ଼ା ଗ୍ରାମ ପଞ୍ଚାୟତ କଟେରି ପଡା ରେ। ସାଧାରଣ ଜନତା ଙ୍କ ସ୍ୱାର୍ଥ ସୁବିଧା କୁ ଜଳାଞ୍ଜଳୀ ଦେଇ ଏକ ଘରୋଇ କମ୍ପାନୀ (Air tel) କୁ ମାସିକ ହିସାବରେ ଯାଗା ଦେଇଥିବା ରୁ ସେଠିକାର ଗ୍ରାମ ବାସି ସହିତ ପଞ୍ଚାୟତ ର ଲୋକଙ୍କ ର ସାମୁହିକ ଅପିଲ୍ , ଏହା ସାମାଜିକ ଏବଂ ସେଇଠି ଅବସ୍ଥିତ ଲୋକଙ୍କ ଜନ ଜୀବନ କୁ ଏକ ନିର୍‌ଦ୍ଦିଷ୍ଟ କଷ୍ଟ ଦେବା ର ପ୍ରୟାସ, ଯାହା ସେଠିକାର ବୁଦ୍ଧିଜୀବୀ ଏବଂ ସମାଜ ସେବୀ ମାନଙ୍କର ଅଭିଯୋଗ।

# ଓଡିଶା ହକିକୁ ଅବହେଳା କରୁଛି ବିଜେପି ସରକାର: ବିଜେଡି

## ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଶିଖର ଛୁଇଁଥିଲା ଓଡିଶା ହକି




ଭୁବନେଶ୍ୱର,୧୩/୧୦: ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡିଶା ହକି ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇ ଶିଖର ଛୁଇଁଥିଲା କିନ୍ତୁ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରଙ୍କ ହକି ପ୍ରତି ଉଦାସୀନତା ମନୋଭାବ ଯୋଗୁଁ ପରିଚୟ ହରାଇବାରେ ଲାଗିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ କ୍ରୀଡା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଓ ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି ଓଡିଶାର ହକି ପ୍ରତି ଅବହେଳା ନେଇ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି ।

ବିଧାୟକ ଶ୍ରୀ ବେହେରା କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ନିରନ୍ତର ପ୍ରୟାସ ଫଳରେ ହକିରେ ଓଡିଶା, ସମଗ୍ର ଭାରତରେ ଶିଖରରେ ପହଞ୍ଚିଥିଲା । ଓଡିଶାରେ ଦୁଇ ଥର ହକି ବିଶ୍ୱ କପ୍ ଆୟୋଜନ କରାଯାଇଥିଲା । ହକି ଖେଳର ଉନ୍ନତି ପାଇଁ ଓଡିଶାରେ ଅନ୍ତର୍ଜାତୀୟ ସ୍ତରର ନୂତନ ଷ୍ଟାଡିୟମ୍ ନିର୍ମାଣ କରିଥିଲେ । ଯାହା ପାଇଁ ଦେଶ ବିଦେଶରେ ଓଡିଶା ହକିର ନୂତନ ପରିଚୟ ହାସଲ କରିଥିଲା । କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଗତ ଅଢେଇ ବର୍ଷ ମଧ୍ୟରେ ଓଡିଶା ହକି ନିଜ ପରିଚୟ ହରାଇଛି । ଓଡିଶାରେ ହକି ଏକ ଭାବନା । ତାହାକୁ ବିଜେପି ସରକାର ଭୁଲି ଯାଇଛନ୍ତି । ଗତ ଅକ୍ଟୋବର ୬ ତାରିଖରେ ହକି ଇଣ୍ଡିଆର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ପରେ ଓଡିଶା ହକି ସଂଘକୁ ହକି ଇଣ୍ଡିଆ ଆସୋସିଏସନ୍ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଯେଉଁଥିରେ ପଚରାଯାଇଛି କାହିଁକି ଓଡିଶା ହକିର ମାନ୍ୟତା "ସ୍ଥାୟୀ ସଦସ୍ୟ"ରୁ "ସହଯୋଗୀ ସଦସ୍ୟ"କୁ ପୁନଃ ନବୀକରଣ କରିବା, ଜାତୀୟ ମହାସଂଘର ବାଇ-ଲ (ନିୟମାବଳୀ) ପାଳନରେ ଅବହେଳା ହୋଇଛି, ସ୍ଥାୟୀ ସଦସ୍ୟତାକୁ ସହଯୋଗୀ ସଦସ୍ୟତାକୁ ପରିବର୍ତ୍ତନ କରିବା ଆଦି ପ୍ରସ୍ତାବ ରଖାଯାଇଛି । ରାଜ୍ୟ ଓ ଜିଲ୍ଲା ସ୍ତର କମିଟି ମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରି ପାରୁନାହାନ୍ତି । ଓଡିଶା ହକି ଯିଏ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟି ଥିବା ବେଳେ ଆଜି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ବିଜେପି ସରକାରଙ୍କ ପାଇଁ ଓଡିଶା ଜାତୀୟ ସ୍ତରରେ ଲଜ୍ଜିତ ହେଉଛି । ଓଡିଆ ଅସ୍ମିତା ରକ୍ଷା କରିବା ପାଇଁ ବିଜେପି ସରକାର ଭୁଲି ଗଲେଣି କି ପ୍ରଶ୍ନ କରିଛନ୍ତି । ହକି ଓଡିଶାର ଭାବନା ସହ ଜଡିତ ଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ଅପାରଗ ପଣିଆ ପାଇଁ ଆଜି ପରିଚୟ ହରାଇବାକୁ ଯାଉଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଉରକେଲାରେ ହକି ଷ୍ଟାଡିୟମ୍ ହୋଇଥିଲା । ସରକାରୀ ପ୍ରୋତ୍ସାହନ ପାଇ ହକି ଖେଳାଳି ମାନେ ଉନ୍ନତ ମାନର କ୍ରୀଡା ପ୍ରଦର୍ଶନ କରୁଥିଲେ । କିନ୍ତୁ ବର୍ତ୍ତମାନ ଓଡିଶାର ପ୍ରାଣକେନ୍ଦ୍ର ହକି ଖେଳ ତାହାର ପରିଚୟ ହରାଇବାକୁ ଲାଗିଛି । ବିଜେପି ସରକାରଙ୍କ ଚରମ ଅବହେଳା ଯୋଗୁଁ ଓଡିଶା ହକିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଯାହାକି ଓଡିଶା ପାଇଁ ଅତି ନିନ୍ଦନୀୟ । ଓଡିଶାର ହକି ପରିଚୟ ଦିନକୁ ଦିନ ନିମ୍ନଗାମୀ ହେଉଥିବା ବେଳେ ତାହାକୁ ରୋକିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ।

ଡ ମହାନ୍ତି କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଓଡିଆ ଅସ୍ମିତାର ଡିଣ୍ଡିମ ପିଟୁଥିଲେ । କିନ୍ତୁ ବର୍ତ୍ତମାନ ଓଡିଆ ଅସ୍ମିତା ରକ୍ଷା କରିବା ପାଇଁ ବିଜେପି ସରକାର ଭୁଲି ଯାଇଛନ୍ତି । ଓଡିଶାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ମାନସିକତା ନାହିଁ । ଯେଉଁ ହକି ଖେଳ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଓଡିଶା ଗୌରବ ଅର୍ଜନ କରିଥିଲା । ଓଡିଶା ସବୁଠି ଆଦୃତ ହେଉଥିଲା । ବିଜେପି ସରକାରଙ୍କ ବିଫଳତା ଯୋଗୁଁ ସେ ପରିଚୟ ହରାଇଛି । ଓଡିଶାରେ କ୍ରୀଡାର ବିକାଶ ପାଇଁ କ୍ରୀଡା ମନ୍ତ୍ରୀ ଭୁଲି ଯାଇଛନ୍ତି । ଗିଡ ଟ୍ରାକ ଉପରେ ମନ୍ତ୍ରୀ ଗାଡି ଚଳାଇଥିଲେ । ଯାହା ଫଳରେ ହକି ଖେଳ ପ୍ରତି ଲୋକଙ୍କ ବିଶ୍ୱାସ ଭାଙ୍ଗିଯାଇଛି । ସୁନ୍ଦରଗଡ ଜିଲ୍ଲା ହେଉଛି ହକି ଖେଳର ଏନ୍ତୁଡିଶାଳ । ଯାହାକୁ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପ୍ରୟାସ ସଦା ପ୍ରଶଂସିତ ରହିଛି । ସୁନ୍ଦରଗଡ ହକି ଖେଳାଳି ଆଗକୁ ଗଲେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡିଶା ଆହୁରି ପ୍ରସଂଶିତ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଜାଣିଥିଲେ । ଯାହାକୁ ନେଇ ସେ ସଦା ଯତ୍ନଶୀଳ ହୋଇ କାର୍ଯ୍ୟ କରୁଥିଲେ । କିନ୍ତୁ ବର୍ତ୍ତମାନ ବିଜେପି ସରକାର ତାହାକୁ ଭୁଲି ଯାଇଛି । ହକି ବିଶ୍ୱ କପ୍ ଓଡିଶା ଆୟୋଜନ କରିଥିଲା । ଅନ୍ୟ ରାଷ୍ଟ୍ର ମାନେ ବିଶ୍ୱ କପ୍ ନେଇ ଅକ୍ଷମତା ପ୍ରକାଶ କରିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାହାକୁ ଆୟୋଜନ କରି ଓଡିଶା ହକିକୁ ନୂତନ ପରିଚୟ ପ୍ରଦାନ କରିଥିଲେ । ଗତ ଅଢେଇ ବର୍ଷ ଧରି ହକି ପ୍ରତି ଉଦାସୀନତା ଯୋଗୁଁ ଓଡିଶାର ହକି ମାନରେ ଅବନତି ଘଟିଛି । ହକି ପ୍ରତି ଅବହେଳା ଯୋଗୁଁ ହକି ଆସୋସିଏସନ୍ ଅଫ୍ ଓଡିଶାକୁ "ସ୍ଥାୟୀ ସଦସ୍ୟ"ରୁ "ସହଯୋଗୀ ସଦସ୍ୟ"କୁ ପୁନଃବର୍ଗୀକରଣ କରାଯିବ । ଯାହାକୁ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ହକି ଖେଳ ଉତ୍ପତ୍ତି ସ୍ଥଳୀ ଓଡିଶାକୁ ଯଦି ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ, ତାହା ଅତି ନିନ୍ଦନୀୟ । ଏହା କଣ ଆମ ଓଡିଆ ଅସ୍ମିତା ବୋଲି ପ୍ରଶ୍ନ କରିଛନ୍ତି । ଯେଉଁ ହକି ଖେଳକୁ ନେଇ ଓଡିଆ ଗର୍ବିତ ହେଉଥିବା ବେଳେ ଆଜି କାରଣ ଦର୍ଶାଅ ନୋଟିସ ପାଇଁ ନିନ୍ଦିତ ହେଉଛି । ଡବଲ ଇଞ୍ଜିନ ସରକାର ପାଇଁ ଆଜି ପରିଚୟ ହରାଇବାକୁ ଯାଉଛି । ଏଥି ପାଇଁ ପ୍ରତିଟି ଓଡିଆ ଅପମାନିତ ହେଉଛନ୍ତି । ଏଥି ପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ପ୍ରଦାନ କରନ୍ତୁ ବୋଲି ଡ. ମହାନ୍ତି କହିଛନ୍ତି ।

## ୟୁଜିସି ବିଲ୍ ପ୍ରତ୍ୟାହାର ଓ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ ଦାବିରେ ଗଞ୍ଜାମ ଜିଲ୍ଲା ଅବିଭକ୍ତ ସାଧାରଣ ବର୍ଗର ବୈଠକ




ଭଞ୍ଜନଗର, ୧୩/୧୦: ୟୁଜିସି ବିଲ୍ ପ୍ରତ୍ୟାହାର, ଏସ୍‌ସି/ଏସ୍‌ଟି ଆଟ୍ରୋସିଟି ଆଇନର ପୁନର୍ବିଚାର, ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ ଏବଂ ଆର୍ଥିକ ଅନଗ୍ରସରତାକୁ ଆଧାର କରି ସହାୟତା ପ୍ରଦାନ ଦାବିରେ ଗଞ୍ଜାମ ଜିଲ୍ଲା ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଭଞ୍ଜନଗରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଦୀର୍ଘଦିନ ଧରି ପ୍ରଚଳିତ ବିଭିନ୍ନ ଜାତିଭିତ୍ତିକ ନୀତି, ସଂରକ୍ଷଣ ବ୍ୟବସ୍ଥା ଓ ଆଇନଗତ ପ୍ରାବଧାନର ପ୍ରଭାବକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସମାଜର ସମସ୍ତ ବର୍ଗଙ୍କ ପାଇଁ ସମାନ ଅଧିକାର, ସମାନ ସୁଯୋଗ ଓ ନ୍ୟାୟସଙ୍ଗତ ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ନୀତିଗୁଡ଼ିକର ପୁନର୍ବିଚାର ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ।

ବିଶେଷକରି, ଜାତିକୁ ଏକମାତ୍ର ଆଧାର ନକରି ଆର୍ଥିକ ଅନଗ୍ରସରତାକୁ ଗୁରୁତ୍ୱ ଦେଇ ଶିକ୍ଷା, ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସହାୟତା ପ୍ରଦାନ କରିବା ଉପରେ ସଦସ୍ୟମାନେ ମତ ରଖିଥିଲେ । ଏଥିସହିତ, ୟୁଜିସି ବିଲ୍‌କୁ ପ୍ରତ୍ୟାହାର କରିବା ସହ ଏସ୍‌ସି/ଏସ୍‌ଟି ଆଟ୍ରୋସିଟି ଆଇନର ବ୍ୟବସ୍ଥା ଓ ପ୍ରୟୋଗରେ ନ୍ୟାୟସଙ୍ଗତ ସଂଶୋଧନ ଆଣିବାକୁ ଦାବି ହୋଇଥିଲା ।

ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାର ପ୍ରତି ଦଶବର୍ଷରେ ହେଉଥିବା ପୁନର୍ନବୀକରଣକୁ ନେଇ ବୈଠକରେ ଗଭୀର ଚିନ୍ତା ପ୍ରକାଶ ପାଇଥିଲା । ଆଗାମୀ ୨୦୨୯ ମସିହାରେ ଏହାର ପୁନର୍ନବୀକରଣ ପୂର୍ବରୁ ସଂରକ୍ଷଣ ବ୍ୟବସ୍ଥାର ଉଦ୍ଦେଶ୍ୟ, ଉପଯୋଗିତା, ସଫଳତା ଓ ସାମାଜିକ ପ୍ରଭାବ ସମ୍ପର୍କରେ ବ୍ୟାପକ ଅଧ୍ୟୟନ କରି ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ସଂଗଠନ ପକ୍ଷରୁ ଦାବି ଉଠିଥିଲା । ଏ ନେଇ ଆଗାମୀ ଦିନରେ ସମସ୍ତ ସାଂସଦଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାର ପ୍ରସ୍ତାବ ନିଆଯାଇଛି ।

ବିନା ପର୍ଯ୍ୟାପ୍ତ ଆଲୋଚନା ଓ ନିରପେକ୍ଷ ସମୀକ୍ଷାରେ ଏପରି ନୀତିର ପୁନର୍ନବୀକରଣ କରାଯିବା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟର ପରିପନ୍ଥୀ ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ ।

ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଓବିସି ଏବଂ ସାଧାରଣ ବର୍ଗର ପ୍ରାର୍ଥୀମାନଙ୍କଠାରୁ ଅଧିକ ଫି ଆଦାୟ କରିବା ଓ ଅନ୍ୟାନ୍ୟ ଅସମାନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏପରି ପାତରଅନ୍ତରମୂଳକ ବ୍ୟବସ୍ଥାର ଅନ୍ତ କରି ସମସ୍ତ ପ୍ରାର୍ଥୀଙ୍କୁ ନ୍ୟାୟସଙ୍ଗତ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଦାବି ହୋଇଥିଲା ।

ଓଡ଼ିଶାରେ ଓବିସି ଓ ଏସ୍‌ଇବିସି ବର୍ଗକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସ୍ପଷ୍ଟତା ସୃଷ୍ଟି କରୁଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ପ୍ରସଙ୍ଗରେ ସରକାର ସ୍ପଷ୍ଟ ନୀତି ଓ ନିର୍ଦ୍ଦେଶାବଳୀ ଜାରି କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବିଭକ୍ତ ସାଧାରଣ ବର୍ଗର ଆବାହକ ଜେନେରାଲ୍ ଦୀନବନ୍ଧୁ ଷଡ଼ଙ୍ଗୀ ସରକାରଙ୍କ ବିଭିନ୍ନ ଜାତିଭିତ୍ତିକ ନୀତି ଓ ଯୋଜନାର ତୀବ୍ର ସମାଲୋଚନା କରିଥିଲେ । ସେ କହିଥିଲେ ଯେ, ଦେଶରେ ସାମାଜିକ ନ୍ୟାୟ ଓ ସମାନତା ସୁନିଶ୍ଚିତ କରିବା ପାଇଁ ସମସ୍ତ ନୀତିର ନିରପେକ୍ଷ ମୂଲ୍ୟାଙ୍କନ ଆବଶ୍ୟକ । ଜାତିଗତ ପରିଚୟ ଆଧାରରେ ଭେଦଭାବ ସୃଷ୍ଟି ନକରି ଆର୍ଥିକ ଅନଗ୍ରସରତା, ଯୋଗ୍ୟତା ଓ ବ୍ୟକ୍ତିର ବାସ୍ତବ ଆବଶ୍ୟକତାକୁ ଗୁରୁତ୍ୱ ଦେବା ଉଚିତ ।

ସେ ଆହୁରି କହିଥିଲେ ଯେ, ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ଏକତା ଓ ଜାତିଗତ ସଂହତି ପ୍ରତିଷ୍ଠା ପାଇଁ ଅବିଭକ୍ତ ସାଧାରଣ ବର୍ଗର ସ୍ୱରକୁ ସଂଗଠିତ ଭାବେ ଉପସ୍ଥାପନ କରିବା ଆବଶ୍ୟକ । ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ନୀତିଗତ ନିଷ୍ପତ୍ତି ଗ୍ରହଣ ପୂର୍ବରୁ ଖୋଲା ଆଲୋଚନାର ବ୍ୟବସ୍ଥା କରିବା ଉଚିତ୍ ବୋଲି ସେ କହିଥିଲେ ।

## ଡାଲି ଉତ୍ପାଦନରେ ଓଡ଼ିଶାର ବଡ଼ ସଫଳତା



ଭୁବନେଶ୍ୱର, ୧୩/୧୦:ଭାରତ ଆଜି ଡାଲି ଜାତୀୟ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡ଼କୁ ଦ୍ରୁତ ଗତିରେ ଆଗେଇ ଚାଲିଥିବାବେଳେ ଏହି ପ୍ରକ୍ରିୟାରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ କୃଷି ଓ କୃଷକଙ୍କ ବିକାଶ ପାଇଁ ନିଆଯାଇଥିବା ଯୁଗାନ୍ତକାରୀ ପଦକ୍ଷେପ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତି କାରଣରୁ ଏହି ସଫଳତା ହାସଲ ହୋଇପାରିଛି । ଏହି ଗୌରବମୟ ସଫଳତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ ଶ୍ରୀ କେ.ଭି.ସିଂହଦେଓ ଏବଂ ରାଜ୍ୟ ସରକାରଙ୍କୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଶୁଭ୍ରାଂଶୁ ମୋହନ ପାଢୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଡାଲି ଉତ୍ପାଦନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆତ୍ମନିର୍ଭର ମିଶନ' ଆଜି ଏକ ବର୍ଷ ପୂରଣ ହୋଇଛି । ଡାଲି ଆମଦାନୀ ଉପରେ ନିର୍ଭରତା କମାଇବା ସହ ଚାଷୀଙ୍କ ଆୟ ବଢାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ପାରମ୍ପରିକ ଧାନ ଚାଷ ବ୍ୟତୀତ ଡାଲି ଜାତୀୟ ଖାଦ୍ୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ବିଶେଷ ପ୍ରଚେଷ୍ଟା ଏବଂ ଯୋଜନାବଦ୍ଧ ସହାୟତା ଏବେ ଫଳପ୍ରଦ ହୋଇଛି । ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଣ, ଆଧୁନିକ କୃଷି ଜ୍ଞାନକୌଶଳର ପ୍ରସାର, ଏବଂ ଜଳସେଚନ ଓ ବଜାର ସଂଯୋଗୀକରଣରେ ସୁଧାର ଆଣିବା ଫଳରେ ରାଜ୍ୟରେ ଡାଲି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ଓ ଉତ୍ପାଦନ ବହୁଗୁଣିତ ହୋଇଛି । ରାଜ୍ୟ ସରକାରଙ୍କ ଏହି କୃଷକ-ଅନୁକୂଳ ନୀତି କେବଳ ଓଡ଼ିଶାର ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇନାହିଁ, ବରଂ ଜାତୀୟ ସ୍ତରରେ ଭାରତକୁ ଡାଲି ଉତ୍ପାଦନରେ ଆଗକୁ ନେବାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି । ଆଗାମୀ ଦିନରେ ଏହି ନିରବଚ୍ଛିନ୍ନ ପ୍ରଚେଷ୍ଟା ବଳରେ ଓଡ଼ିଶା କୃଷି କ୍ଷେତ୍ରରେ ଏକ ନୂତନ ବିପ୍ଳବ ସୃଷ୍ଟି କରିବ ଏବଂ କୃଷକମାନଙ୍କ ଆର୍ଥିକ ଉନ୍ନତି ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ପାଢୀ ଦୃଢ ଆଶା ବ୍ୟକ୍ତ କରିଛନ୍ତି ।

## ଭାରତୀୟ ଯୋଗ ସଂସ୍ଥାନ, ଭି.ଆଇ.ପି. ପାର୍କ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଆନନ୍ଦ ଉତ୍ସାହରେ ପାଳିତ



ଭୁବନେଶ୍ୱର, ୧୩/୧୦: ଭାରତୀୟ ଯୋଗ ସଂସ୍ଥାନର ନୟାପଲ୍ଲୀ ଯୋଗ ଜିଲ୍ଲା ଅଧୀନସ୍ଥ ଭି.ଆଇ.ପି. ପାର୍କ ଯୋଗ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଗତକାଲି ରବିବାର ଭକ୍ତି, ଆନନ୍ଦ ଓ ଉତ୍ସାହମୟ ପରିବେଶରେ ଗରିମାମୟ ଭାବେ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗସାଧକ-ସାଧିକା, ସଂସ୍ଥାନର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଭଜନ, ପ୍ରଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନାରେ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଏହାପରେ ସାଧକ-ସାଧିକାମାନେ ଶୃଙ୍ଖଳିତ ଭାବେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଯୋଗାଭ୍ୟାସର ମନୋରମ ପ୍ରଦର୍ଶନ କରିଥିଲେ । ଯୋଗର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉପକାରିତା ସମ୍ପର୍କରେ କେତେକ ସଦସ୍ୟ ନିଜସ୍ୱ ଅନୁଭୂତି ବାଣ୍ଟିଥିଲେ । ସେମାନଙ୍କର ପ୍ରେରଣାଦାୟକ କଥା ଉପସ୍ଥିତ ଜନସାଧାରଣଙ୍କ ମନରେ ଯୋଗ ପ୍ରତି ଆଗ୍ରହ ଓ ସଚେତନତା ସୃଷ୍ଟି କରିଥିଲା । ଉତ୍ସବରେ ଓଡ଼ିଶା ପ୍ରାନ୍ତ ପ୍ରଧାନ ଶ୍ରୀ ସୁରେଶ କୁମାର ମହାପାତ୍ର, ପ୍ରାନ୍ତ ସଦସ୍ୟ ତଥା କୋଷାଧକ୍ଷ ଶ୍ରୀ ରଘୁନାଥ ରେଡ୍ଡୀ, ବରିଷ୍ଠ ପ୍ରାନ୍ତ ସଦସ୍ୟା ତଥା ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ମଞ୍ଜୁଳା ମିଶ୍ର, ବରମୁଣ୍ଡା ଯୋଗ ଜିଲ୍ଲା ପ୍ରଧାନ ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ନୟାପଲ୍ଲୀ ଜିଲ୍ଲା ପ୍ରଧାନ ଶ୍ରୀ ଜ୍ୟୋତିର୍ମୟ ରଥ, ଜିଲ୍ଲା ମନ୍ତ୍ରୀ ଶ୍ରୀ ରାମ କିଶୋର ଶର୍ମା, ବରମୁଣ୍ଡା ଜିଲ୍ଲା ମନ୍ତ୍ରୀ ଶ୍ରୀମତୀ ଜୟଶ୍ରୀ ପଣ୍ଡା, ଜିଲ୍ଲା ସଂଗଠନ ମନ୍ତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ମହାପାତ୍ର ଓ ନୟାପଲ୍ଲୀ ଜିଲ୍ଲା ସଂଗଠନ ଶ୍ରୀମତୀ ମମତା ଦାଶ ପ୍ରମୁଖ ଉପସ୍ଥିତ ରହି ସାଧକ-ସାଧିକାମାନଙ୍କୁ ଉତ୍ସାହିତ କରିଥିଲେ । ଇନ୍ଦ୍ରଧନୁ କ୍ଷେତ୍ର ପ୍ରଧାନ ଶ୍ରୀମତୀ ପୁଷ୍ପିତା ପଣ୍ଡା ଓ କେନ୍ଦ୍ର ପ୍ରମୁଖ ଶ୍ରୀମତୀ ସୁକାନ୍ତି ମୁଖୀଙ୍କ ତତ୍ତ୍ୱାବଧାନରେ ସମଗ୍ର ଉତ୍ସବ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । କ୍ଷେତ୍ର ସଂଗଠନ ମନ୍ତ୍ରୀ ଶ୍ରୀମତୀ ଅନିତା ନାୟକ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଆୟୋଜକମାନଙ୍କର ସୁସଂଗଠିତ ପ୍ରୟାସ ଓ ସଦସ୍ୟମାନଙ୍କର ସକ୍ରିୟ ସହଯୋଗ ଯୋଗୁଁ ଉତ୍ସବଟି ଅତ୍ୟନ୍ତ ସଫଳ ହୋଇଥିଲା ।

ସମଗ୍ର କାର୍ଯ୍ୟକ୍ରମ ଯୋଗ, ଶୃଙ୍ଖଳା, ସେବା, ଭକ୍ତି ଓ ସାମୂହିକ ଉତ୍ସାହର ଏକ ଅନନ୍ୟ ସମନ୍ୱୟର ଚିତ୍ର ପ୍ରଦର୍ଶନ କରିଥିଲା । ଭି.ଆଇ.ପି. ପାର୍କ ଯୋଗ କେନ୍ଦ୍ରର ଏହି ପ୍ରଥମ ବାର୍ଷିକ ଉତ୍ସବ ଆଗାମୀ ଦିନରେ ଯୋଗାଭ୍ୟାସର ପ୍ରସାର ଓ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଁ ଏକ ନୂତନ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ସମସ୍ତେ ଆଶା ପ୍ରକାଶ କରିଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati